بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 50-51

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

10-17 ଡ଼ିସେମ୍ବର 2020   10-17 ଫତାହ୍ 1399 ହି.ଶ   24 ରବିଉଲ୍/01 ଜମାଦିଲ୍ ଅୱ୍ୱଲ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَلِلّٰہِ مَا فِی السَّمٰوٰتِ وَمَا فِی الۡاَرۡضِ ؕ وَکَفٰی بِاللّٰہِ وَکِیۡلًا ○ اِنۡ یَّشَاۡ یُذۡہِبۡکُمۡ اَیُّہَا النَّاسُ وَیَاۡتِ بِاٰخَرِیۡنَ ؕ وَکَانَ اللّٰہُ عَلٰی ذٰلِکَ قَدِیۡرًا ○ (النساء:133،134)

ଅନୁବାଦ- ଏବଂ ଯାହା କିଛି ଆକାଶରେ ଅଛି ଓ ଯାହା କିଛି ପୃଥିବୀରେ ଅଛି ସେସବୁ ଅଲ୍ଲାଃଙ୍କର ଏବଂ ଅଲ୍ଲାଃ ସଂରକ୍ଷକ ଭାବେ ଯଥେଷ୍ଟ । (ନିସା: ୧୩୩)

ହେ ଲୋକମାନେ ! ସେ (ଅଲ୍ଲାଃ) ଇଚ୍ଛା କଲେ ତୁମମାନଙ୍କୁ ବିନାଶ କରି (ତୁମମାନଙ୍କ ସ୍ଥାନରେ) ଅନ୍ୟମାନଙ୍କୁ ଘେନି ଆସିବେ; ଏବଂ ଅଲ୍ଲାଃ ଏ ବିଷୟରେ ସଂପୂର୍ଣ୍ଣ ରୂପେ ସକ୍ଷମ ଅଟନ୍ତି । (ନିସା: ୧୩୪)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ:] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ:]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ:]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**କୌଣସି ବୈଦ୍ୟ ବା ଡ଼ାକ୍ତର ଏ ଦାବି କରିପାରିବ ନାହିଁ ଯେ ଅମୁକ ଔଷଧ ନିଶ୍ଚିତ ରୂପେ ଉପଶମ କରିଦେବ । ଯଦି ଏପରି ହେଉଥାନ୍ତା ତା'ହେଲେ କାହିଁକି କିଏ ମରନ୍ତା । ଚିକିତ୍ସକ ଓ ଡ଼ାକ୍ତରମାନେ ଧାର୍ମିକ/ଧର୍ମପରାୟଣ ହେବା ଉଚିତ । ଔଷଧ ବି ଦିଅନ୍ତୁ ତତ୍‌ସହିତ ଦୁଆ/ପ୍ରାର୍ଥନା ମଧ୍ୟ କରନ୍ତୁ । ଏକାନ୍ତରେ ପ୍ରାର୍ଥନା କରନ୍ତ**

## ହଜରତ ମସିହ ମଉଦ[ଆ:]ସଙ୍କ ନୀତି ବାଣୀ

### ସାଧନର ବ୍ୟବହାର ନିଷେଧ ନୁହେଁ

ସାଧନର ବ୍ୟବହାର କରିବା ଆମ ଶରିୟତ୍ (ବିଧାନ)ରେ ମନାନାହିଁ । କେହିଜଣେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ପଚାରିଥିଲେ ଯେ କଣ ଆମେ ଔଷଧ ବ୍ୟବହାର କରିପାରିବୁ । ଏଥିରେ ମହାଭାଗ କହିଲେ ହଁ ଔଷଧ ବ୍ୟବହାର କରନ୍ତୁ । ଏପରି କୌଣସି ରୋଗ ନାହିଁ ଯାହାର ଔଷଧ/ପ୍ରତିକାର ନଥିବ । ହଁ ଏହା ବିଲକୁଲ୍ ଠିକ୍ କଥା ଯେ କୌଣସି ବୈଦ୍ୟ ବା ଡ଼ାକ୍ତର ଏ ଦାବି କରିପାରିବ ନାହିଁ ଯେ ଅମୁକ ଔଷଧ ନିଶ୍ଚିତ ରୂପେ ଉପଶମ କରିଦେବ । ଯଦି ଏପରି ହେଉଥାନ୍ତା ତା'ହେଲେ କାହିଁକି କିଏ ମରନ୍ତା । ଚିକିତ୍ସକ ଓ ଡ଼ାକ୍ତରମାନେ ଧାର୍ମିକ/ଧର୍ମପରାୟଣ ହେବା ଉଚିତ । ଔଷଧ ବି ଦିଅନ୍ତୁ ତତ୍‌ସହିତ ଦୁଆ/ପ୍ରାର୍ଥନା ମଧ୍ୟ କରନ୍ତୁ । ଏକାନ୍ତରେ ପ୍ରାର୍ଥନା କରନ୍ତୁ । ଯେଉଁମାନେ ଗର୍ବ କରିଥିଲେ ଈଶ୍ୱର ସେମାନଙ୍କୁ ଅପମାନିତ କରିଛନ୍ତି । ଲେଖା ଅଛି ଯେ ଜାଲିନୁସ୍ ଡ଼ାଇରିଆ ରୋଗକୁ ଠିକ୍ କରିଦେବାର ବଡ଼ ଦାବିଦାର ଥିଲେ । ଈଶ୍ୱରଙ୍କ ଶକ୍ତି ଦେଖନ୍ତୁ ଯେ ସେ ନିଜେ ଏହି ଡ଼ାଇରିଆ ରୋଗରେ ମରିଗଲେ । ଠିକ୍ ସମାନ ଢ଼ଙ୍ଗରେ କେତେକ ଚିକିତ୍ସକ ଜ୍ୱର କିମ୍ବା ଯକ୍ଷ୍ମା ରୋଗର ଶିକାର ହୋଇ ଏ ଦୁନିଆ ଛାଡ଼ି ଚାଲିଗଲେ ।

### ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଭରସା ରଖିବା ଉଚିତ

ଏକଥା କହିବାର ମୋର ଉଦ୍ଦେଶ୍ୟ ହେଉଛି ଏହା କି ଈଶ୍ୱର ସେମାନଙ୍କର ଦାବି ଓ ସେମାନଙ୍କର ବୃଥା ଗର୍ବର ବାସ୍ତବିକତାକୁ ଖୋଲିଦେଲେ । ଯେଉଁ ଦାବି କରିଥିଲେ ସେହି ଦାବିରେ ହିଁ ପରାସ୍ତ ହେଲେ । ତେଣୁ ଦାବି କରିବା ଠିକ୍ ନୁହେଁ । ମୋର ସ୍ୱର୍ଗତ ପିତା ମଧ୍ୟ ଜଣେ ଜଣାଶୁଣା ଚିକିତ୍ସକ ଥିଲେ ଏବଂ ତାଙ୍କର ପଚାଶ ବର୍ଷର ଅନୁଭବ ଥିଲା । ସେ କୁହନ୍ତି ଯେ କୌଣସି ନୁସ୍‌ଖା (Prescription) ନିର୍ଦ୍ଦିଷ୍ଟ ନୁହେଁ । ପ୍ରକୃତ କଥା ହେଉଛି ଏହା କି ଅଲ୍ଲାଃଙ୍କ ଶକ୍ତି ବିନା କିଛି ସମ୍ଭବ ନୁହେଁ । ଅଲ୍ଲାଃଙ୍କ ପ୍ରତି ଧ୍ୟାନ ରଖୁଥିବା ବ୍ୟକ୍ତି ହେଉଛି ସୌଭାଗ୍ୟବାନ । ଦୁଃଖ ବିପତି ସମୟରେ ଅହଙ୍କାରୀ ହେବା ଠିକ୍ ନୁହେଁ । ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହା ଉପରେ ନିର୍ଭର କରିବା ଉଚିତ ନୁହେଁ । ଏକ ଛୋଟିଆ ରୋଗ ହଠାତ୍ ଗୁରୁତର ହୋଇଯାଏ । ବେଳେବେଳେ ହୃଦୟର ଚିକିତ୍ସା କରୁ କରୁ ମସ୍ତିଷ୍କକୁ କ୍ଷତି ପହଂଚିଥାଏ । ବେଳେବେଳେ ଅଣ୍ଡା ଚିକିତ୍ସା କରୁ କରୁ ଜ୍ୱର ଭିଷଣ ଭାବରେ ହୋଇଥାଏ । ଏହି ରୋଗଗୁଡ଼ିକୁ କିଏ ଦୂର କରିପାରିବ । ତେଣୁ ଈଶ୍ୱରଙ୍କ ଉପରେ ଭରଷା କରିବା ଉଚିତ । ପୃଥିବୀରେ ଥିବା ଏହି ଜୀବାଣୁର ପରିମାଣକୁ ଓ ସେମାନଙ୍କ ବିଷାକ୍ତ ପ୍ରଭାବକୁ କିଏ ସମ୍ପୂର୍ଣ୍ଣ ରୂପେ ନିର୍ଣ୍ଣୟ କରିପାରିବ । ରୋଗଗୁଡ଼ିକ ମଧ୍ୟ ଗଣି ପାରିବାନାହିଁ । ଲେଖା ଅଛି ଯେ କେବଳ ଆଖି ପାଇଁ ହିଁ ତିନି ହଜାର ରୋଗ ରହିଛି । କିଛି ରୋଗ ଏତେ ଭୟଙ୍କର ଯେ ଡ଼ାକ୍ତର ତା'ପାଇଁ ପ୍ରେସ୍‌କ୍ରିପ୍‌ସନ୍ ଲେଖିବା ପୂର୍ବରୁ ହିଁ ରୋଗୀ ଶେଷ ହୋଇଯାଇଥାଏ । ତେଣୁ ଅଲ୍ଲାଃଙ୍କ ଶରଣାଗତ ହେବା ଉଚିତ । ***(ମଲଫୁଜାତ୍ ଖଣ୍ଡ-୧, ପୃ-୨୩୨ ପ୍ରକାଶନ୨୦୧୮ କାଦିୟାନ)***

**ପବିତ୍ର କୁରଆନ୍ ମାଧମରେ ଏ ଦୁନିଆ ସହିତ ବଡ଼ ଜିହାଦ୍ କର ଅର୍ଥାତ ତବ୍‌ଲିଗ୍ ଜିହାଦ୍ । ଯଦି ତେରଶହ ବର୍ଷରେ ମଧ୍ୟ ସମଗ୍ର ଦୁନିଆରେ ଇସ୍‌ଲାମ୍ ବ୍ୟାପି ପାରିନାହିଁ ତେବେ ଏହାର କାରଣ ଏହା ନଥିଲା କି ତରବାରୀରେ ଦାଢ଼ ନଥିଲା ବରଂ ଏହାର ବଡ଼ କାରଣ ଏହା ଥିଲା ଯେ ମୁସଲମାନମାନେ ଏହି ପବିତ୍ର କୁରଆନ୍ ରୂପକ ତରବାରୀ ଦ୍ୱାରା କାମ ନେବା ଛାଡ଼ିଦେଲେ**

**ଜାହିଦ୍‌ହୁମ୍ ବିହି ଜିହାଦନ୍ କବିରା** ର ବ୍ୟାଖ୍ୟା କରି ସୟଦନା ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହିଲେ:

ଅଲ୍ଲାଃ ତାଲା ଏ ଆଦେଶ ଦେଇଛନ୍ତି ଯେ ତୁମେ ସେହି ଅବିଶ୍ୱାସୀମାନଙ୍କର କଥା ମାନନାହିଁ ବରଂ ପବିତ୍ର କୁରଆନ୍ ମାଧମରେ ଏ ଦୁନିଆ ସହିତ ଜିହାଦ୍ କର ଯାହା ହେଉଛି ସବୁଠାରୁ ବଡ଼ ଜିହାଦ୍ ଅର୍ଥାତ ତବ୍‌ଲିଗ୍ (ଏକେଶ୍ୱରବାଦର ପ୍ରଚାର ପ୍ରସାର)ର ଜିହାଦ୍ । ଯାହା ନିକଟକୁ ଯିବା ପାଇଁ ଆଜିକାଲିର ମୁସଲମାନମାନଙ୍କ ଶ୍ୱାସରୁଦ୍ଧ ହୋଇଯାଉଛି । ସେ ଜିହାଦ୍ କରିବା ପାଇଁ ଏଥିଯୋଗୁଁ ଡ଼ରୁଛି ଯେ ସେ ଭାବୁଛି ବୋଧହୁଏ ଏହାର ଅର୍ଥ ହେଉଛି ତରବାରୀର ଯୁଦ୍ଧ ଏବଂ ତରବାରୀ ଯୁଦ୍ଧକୁ ସେ ଏଥିପାଇଁ ଭୟ କରୁଛି ଯେ ଶତ୍ରୁ ତ ବହୁତ ଶକ୍ତିଶାଳୀ । ଯେବେକି ମୌଲବୀ ଏ ଫତୱା ଦେଉଛି ଯେ ହେ ମୁସଲମାନମାନେ ! ଆଗକୁ ବଢ଼ ଓ ଯୁଦ୍ଧ କର । କିନ୍ତୁ ମୁସଲମାନମାନେ କହୁଛନ୍ତି ହେ ଓ୍ୱଲେମାଗଣ ଆପଣମାନେ ଆଗକୁ ବଢ଼ି ଲଢ଼ନ୍ତୁ କାରଣ ଆପଣମାନେ ତ ଆମର ଲିଡ଼ର ଓ ମାର୍ଗଦର୍ଶକ ଅଟନ୍ତି । ତା'ପରେ ପୁଣି ଦୁଇଜଣଯାକ (ଅର୍ଥାତ ମୁସଲମାନ ବି ଓ ମୁଲ୍ଲା ବି) ନିଜ ନିଜର ଘରକୁ ଧାଇଁ ଯାଉଛନ୍ତି । ଯେବେ କି ଖୁଦା ଆମକୁ ଏପରି ତରବାରୀ ଦେଇଛନ୍ତି ଯାହାକୁ କେବେ କଳଙ୍କି ଲାଗିପାରିବ ନାହିଁ ଓ ଯାହା କେବେ ବି କୌଣସି ଯୁଦ୍ଧରେ ଭାଙ୍ଗି ପାରିବନାହିଁ । ତେରଶହ ବର୍ଷ ବିତିଗଲାଣି ଏବଂ ଦୁନିଆର ବଡ଼ ବଡ଼ ରାଷ୍ଟ୍ର/ଜାତି/ସମ୍ପ୍ରଦାୟ ଏହି ତରବାରୀକୁ ଭାଙ୍ଗି ଦେବା ପାଇଁ ଚାହିଁଛନ୍ତି ଓ ଏହାକୁ ଖଣ୍ଡ ଖଣ୍ଡ

## ନବୀ ସ:ଆ:ସଙ୍କ ବାଣୀ

**ଖୁତ୍‌ବା ଚାଲିଥିବା ସମୟରେ ଯିଏ ମସ୍‌ଜିଦ୍‌କୁ ଆସିବ ସେ ଶିଘ୍ର ଶିଘ୍ର ଦୁଇ ରେକାତ୍ ନମାଜ ପଢ଼ିନେଉ**

(୯୩୧) ହଜରତ୍ ଜାବିର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଜଣେ ବ୍ୟକ୍ତି ଯୁମା ଦିନ (ମସ୍‌ଜିଦ୍ କୁ) ଆସିଲେ ଓ ସେତେବେଳେ ନବୀ ସ:ଆ:ସ ଖୁତ୍‌ବା ଦେଉଥିଲେ । ତାଙ୍କୁ ଦେଖି ମହାଭାଗ ସ:ଆ:ସ କହିଲେ: କଣ ତୁମେ ନମାଜ ପଢ଼ିଛ ? ସେ କହିଲେ ନା ପଢ଼ିନାହିଁ । ଏଥିରେ ମହାଭାଗ ସ:ଆ:ସ କହିଲେ: (ଉଠ) ଏବଂ ଦୁଇ ରେକାତ ପଢ଼ିନିଅ ।

ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବିଦ୍ ଓ୍ୱଲିଅଲ୍ଲାଃ ଶାହ୍ ସାହେବ୍ ର:ଅ ଏହି ହଦିସ୍‌କୁ ବ୍ୟାଖ୍ୟା କରି କହିଛନ୍ତି: ଇମାମ୍ ମାଲିକ୍ ରହେମୁଲ୍ଲାଃଙ୍କର ଏ ମତ ଯେ ଖୁତ୍‌ବା ଚାଲିଥିବା ବେଳେ କୌଣସି ବ୍ୟକ୍ତି ନଫଲ୍ ନମାଜ ପାଠ ନ କରିବା ଉଚିତ । ବରଂ ନଫଲ୍ ନମାଜ ଉପରେ ଖୁତ୍‌ବା ଶୁଣିବାକୁ ଅଗ୍ରାଧିକାର ଦେବା ଉଚିତ ।

ସେ ପୁଣି କହିଛନ୍ତି: ଯଦି ନିଶ୍ଚିତ ରୂପେ ଖୁତ୍‌ବା ଶୁଣିବାକୁ ତହିୟା ମସ୍‌ଜିଦ୍ ନମାଜ ଉପରେ ଅଗ୍ରାଧିକାର ଥାଆନ୍ତା ତେବେ ଆଁ ହଜ୍‌ରତ୍ ସ:ଆ:ସ ଖୁତ୍‌ବା ଚାଲିଥିବା ସମୟରେ ହଜ୍‌ରତ୍ ସୁଲୈକ୍, ଗତ୍‌ଫାନି ର:ଅଙ୍କୁ କାହିଁକି ଏ ଆଦେଶ ଦେଇଥାନ୍ତେ ଯେ ଦୁଇ ରେକାତ ନଫଲ୍ ପଢ଼ିନିଅ । ତେଣୁ ମହାଭାଗଙ୍କ ଏ ଆଦେଶ ଦେବା ସୁଚାଉଛି ଯେ ଉଭୟ ନିର୍ଦ୍ଦେଶ ନିଜ ନିଜ ସ୍ଥାନରେ ବାଧତାମୂଳକ । ଏଥିରେ କୌଣସି ବିବାଦ ନାହିଁ । ଖୁତ୍‌ବା ଚାଲିଥିବା ସମୟରେ ମସ୍‌ଜିଦ୍‌କୁ ଆସିଥିବା ବ୍ୟକ୍ତି ସେତେବେଳେ ଶ୍ରୋତାମାନଙ୍କ ମଧ୍ୟରେ ଗଣା ହେବେ ଯେବେ ସେ ପ୍ରଥମେ ତହିୟା ମସ୍‌ଜିଦ୍ ପାଠ କରିବାର ନିର୍ଦ୍ଦେଶକୁ ପାଳନ କରିନେବ ।

**(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯୁମା)**

କରିଦେବା ପାଇଁ ଚାହିଁଛନ୍ତି ଓ ଏହାକୁ ସବୁବେଳ ପାଇଁ ବେକାର କରିଦେବାକୁ ଇଚ୍ଛାପୋଷଣ କରିଛନ୍ତି କିନ୍ତୁ ଏ ତରବାରୀ ସେମାନଙ୍କ ଦ୍ୱାରା ଭାଙ୍ଗି ପାରିନାହିଁ । ଏହି କୁର୍‌ଆନ୍‌କୁ ଈଶ୍ୱର ଆମକୁ ଦେଇଛନ୍ତି ଏବଂ ଏହା ହେଉଛି ସେହି ତରବାରୀ ଯାହା ଜରିଆରେ ଆମେ ସାରା ବିଶ୍ୱକୁ ଜିଣିପାରିବା । ଅଲ୍ଲାଃ କହିଛନ୍ତି: **ଜାହିଦ୍‌ହୁମ୍ ବିହି ଜିହାଦନ୍ କବିରା ।** ତରବାରୀ ସାହାଯ୍ୟରେ ଜିହାଦ୍ କରିବା, ନିଜର ଆତ୍ମାକୁ ସୁଧାରିବା ପାଇଁ ଜିହାଦ୍ (ପ୍ରଚେଷ୍ଟା) କରିବା ଏବଂ ଅନ୍ୟାନ୍ୟ ସମସ୍ତ ଜିହାଦ୍ ହେଉଛନ୍ତି ଛୋଟ ଜିହାଦ୍ । କେବଳ କୁର୍‌ଆନ୍‌ର ଜିହାଦ୍ ହେଉଛି ସବୁଠାରୁ ବଡ଼ ଓ ମହାନ୍ ଜିହାଦ୍ । ଏହା ହେଉଛି ଏପରି ତରବାରୀ ଯେଉଁ ବ୍ୟକ୍ତି ଆ ଉପରେ ପଡ଼ିବ ତା ମୁଣ୍ଡ କାଟ ହେବ ଏବଂ ଯାହା ଉପରେ ଏହି କୁର୍‌ଆନ୍ ପଡ଼ିବ ସେ ମଧ୍ୟ ମରିବ ଅଥବା ଇସ୍‌ଲାମ୍‌ର ଦାସତ୍ୱ ଗ୍ରହଣ କରି ଅମର ହୋଇଯିବ । ଯଦି ତେରଶହ ବର୍ଷରେ ମଧ୍ୟ ସମଗ୍ର ଦୁନିଆରେ ଇସ୍‌ଲାମ୍ ବ୍ୟାପି ପାରିଲାନାହିଁ ତେବେ ଏହାର କାରଣ ଏହା ନଥିଲା ଯେ ତରବାରୀରେ ଦାଡ଼ ନଥିଲା ବରଂ ଏହାର ବଡ଼ କାରଣ ଏହା ଥିଲା ଯେ ମୁସଲମାନମାନେ ଏହି ପବିତ୍ର କୁର୍‌ଆନ୍ ରୂପକ ତରବାରୀ ସାହାଯ୍ୟରେ କାମ ନେବା ଛାଡ଼ି ଦେଇଥିଲେ । ଆଜି ଈଶ୍ୱର ପୁଣି ଅହେମଦୀୟତ୍‌କୁ ଏହି ତରବାରୀ ପ୍ରଦାନ କରି ଛିଡ଼ା କରାଇଛନ୍ତି ଏବଂ ପୁଣି ନିଜ ଧର୍ମକୁ ସଂସାରର ସମସ୍ତ ଧର୍ମ ଉପରେ ପ୍ରାଧାନ୍ୟ ଦେବାପାଇଁ ସଂକଳ୍ପ କରିଛି । କିନ୍ତୁ କିଛି ଅବୋଧ ମୁସଲମାନ ଆହେମଦୀୟତ୍ ଉପରେ ଆକ୍ରମଣ କରି କହୁଛନ୍ତି ଯେ ଅହେମଦୀମାନେ ଜିହାଦ୍‌କୁ ମାନୁନାହାନ୍ତି । ସେମାନଙ୍କର ଉଦାହରଣ ବିଲ୍‌କୁଲ୍ ଏମିତି ଯେମିତି ଜଣେ ବ୍ୟକ୍ତି ବାତୁଳି ଧରି କିଲ୍ଲା ଉପରକୁ ଆକ୍ରମଣ କରୁଥାଏ । ଏହାକୁ ଦେଖି କିଛି ଲୋକେ ତୋପ କମାଣ ଧରି ଆସିଯାଆନ୍ତି ଯେ ବାତୁଳି ଦ୍ୱାରା କଣ କିଲ୍ଲାକୁ ଜିଣାଯାଇପାରେ । କିନ୍ତୁ ବାତୁଳି ଚାଳକ ସେମାନଙ୍କର କୃତଜ୍ଞ ହେବା ପରିବର୍ତ୍ତେ ସେମାନଙ୍କ ଉପରେ ଏ ଆପତି ଅଭିଯୋଗ କରିବା ଆରମ୍ଭ କରିଦିଏ ଯେ ଏମାନେ କାହିଁକି ବାତୁଳି ଚାଳନା କରୁନାହାନ୍ତି ? ଏହି ମୂର୍ଖମାନେ ନିଜର ମୂର୍ଖାମି ଯୋଗୁଁ ଏପରି ଲୋକଙ୍କୁ ଜିହାଦ୍‌ର ଅମାନ୍ୟକାରୀ ରୂପେ ଅଭିହିତ କରୁଛନ୍ତି ଯିଏ ଇସ୍‌ଲାମ୍‌କୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇଚାଲିଛି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୬, ପୃ-୫୧୨-୫୧୩...... ୨୦୧୦ କାଦିଆନ୍)***

*ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......*

ସେ ପ୍ରୟୋଗ କରିଛନ୍ତି । ମୋର କହିବାର ଉଦ୍ଦେଶ୍ୟ ଏପରି ନଥିଲା ଯାହାକି ସେ ପ୍ରକାଶ କରିଛନ୍ତି ଫ୍ରାନ୍ସର ରାଷ୍ଟ୍ରପତି । ମୋର କହିବାର ଉଦ୍ଦେଶ୍ୟ ଏହା ଥିଲା ଯେ ଆମେ ଯାହା କହୁଛୁ ଓ ଯାହା କରୁଛୁ ତାହା ପୁରାପୁରି ଠିକ୍ କିନ୍ତୁ ସେ ନିଜର ପୂର୍ବ କଥାରେ ଅଟଳ ରହିଛନ୍ତି କିନ୍ତୁ ଯଦି ୫୪/୫୫ ମୁସଲମାନ ରାଷ୍ଟ୍ର ଏକଶ୍ୱର ହୋଇ କହିଥାନ୍ତେ ତାହେଲେ ଫ୍ରାନ୍ସର ରାଷ୍ଟ୍ରପତି ଏପରି କହିବାକୁ ସାହାସ ଜୁଟାଇ ନଥାନ୍ତେ । ମୁସଲମାନ ରାଷ୍ଟ୍ରମାନଙ୍କର ଏଭଳି ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଫ୍ରାନ୍ସର ରାଷ୍ଟ୍ରପତି ବାଧ୍ୟ ହୋଇ କ୍ଷମା ମାଗିବେ ଏବଂ ନିଜ କଥାରୁ ଓହରି ଯିବେ ଓ କ୍ଷମାଜାଚନା କରିବେ ।

ସେ ଯାହା ହେଉ ନା କାହିଁକି ମୁଁ ଏଠାରେ ସଂକ୍ଷିପ୍ତ ଭାବରେ କହିବାକୁ ଚାହେଁ ଯେ, ଅନ୍ତତହ ମୁସଲମାନ ରାଷ୍ଟ୍ରମାନେ ଏକଶ୍ୱରରେ ଅନ୍ୟ ରାଷ୍ଟ୍ରମାନଙ୍କ ଆଗରେ ନିଜର ସ୍ୱର ଉତ୍ତଳନ କରିବା ଉଚିତ ଏହା ଫଳରେ ସେମାନେ ଅବଲୋକନ କରିବେ ଯେ, ଏପରି କରିବା ଦ୍ୱାରା କଣ ପ୍ରଭାବ ପଡୁଛି ଆମେମାନେ ତ କାର୍ଯ୍ୟ ସମ୍ପାଦନ କରିଚାଲିଛୁ ଓ କରି ଚାଲିଥିବୁ ଇନ୍‌ଶାଅଲ୍ଲାଃ ତାଲା । କାରଣ ମସିହ ମୁହମ୍ମଦିଙ୍କୁ ସ୍ୱୀକାର କରିଥିବା ଅନୁଗାମୀମାନଙ୍କର ଏହା ହେଉଛି ପରମଧର୍ମ ଯେ ଆମେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ସଂସାର ବାସୀଙ୍କ ନିକଟରେ ଉପସ୍ଥାପନ କରିବୁ । ହଜୁର ସ:ଆ:ସଙ୍କ ସୁନ୍ଦର ମୁଖକୁ ସଂସାରବାସୀଙ୍କ ନିକଟରେ ପହଂଚାଇବୁ ତାଙ୍କୁ ପରିଚିତ କରିବୁ । ଆମେମାନେ ସେ ପର୍ଯ୍ୟନ୍ତ ଶାନ୍ତିରେ ନିଶ୍ୱାସ ନେବୁନାହିଁ ଯେପର୍ଯ୍ୟନ୍ତ ସମସ୍ତେ ସଂସାର ବାସୀଙ୍କୁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧ୍ୱଜା ତଳେ ଏକତ୍ରିତ ନ କରି ଦେଇଛୁ । ଆମେମାନେ ଜଗତବାସୀଙ୍କୁ ଏହା କହିବୁ ଯେ ତୁମମାନଙ୍କର ସ୍ଥାୟିତ୍ୱ ଓ ଉନ୍ନତି ଏଥିରେ ଅର୍ନ୍ତନିହିତ ଯେ ନିଜର ପରମ ଏକ ଓ ଅଦ୍ୱିତୀୟ ପ୍ରଭୁ ଯେ ତୁମର ପାଳନକର୍ତ୍ତା ତାଙ୍କୁ ଚିହ୍ନ ଓ ଅନ୍ୟାୟ ଓ ଅତ୍ୟାଚାରକୁ ସମାପ୍ତ କର । କିଛି କାଳ ପୂର୍ବେ ମୁଁ କେତେକ ରାଷ୍ଟ୍ର ରାଜନେତାଙ୍କୁ ପତ୍ର ଲେଖିଥିଲି ଏହି କୋଭିଡ଼୍ ପରିସ୍ଥିତିରେ ମୁଁ ଫ୍ରାନ୍ସର ରାଷ୍ଟ୍ରପତିଙ୍କୁ ମଧ୍ୟ ପତ୍ର ଲେଖିଥିଲି ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବାକ୍ୟରେ ସାବଧାନ କରାଇଥିଲି ଯେ, ଏହି ଶାସ୍ତି, ପ୍ରଳୟ ତଥା ବିପତି ଅଲ୍ଲାଃ ତାଲାଙ୍କ ପଟୁ ଅତ୍ୟାଚାର ଯୋଗୁଁ ଅବତୀର୍ଣ୍ଣ ହୋଇଛି ତେଣୁ ତୁମେ ଏଥିପ୍ରତି ଧ୍ୟାନ ଦିଅ ଅତ୍ୟାଚାରରୁ ନିଜ ହାତ ଟାଣି ନିଅ ନ୍ୟାୟକୁ ସ୍ଥାପନ କର । ସତ୍ୟାଧାରିତ ମନ୍ତବ୍ୟ ଦିଅ ଆମମାନଙ୍କର ଯେଉଁ ଦାୟିତ୍ୱ ଓ କର୍ତବ୍ୟ ରହିଛି ସେହି ମୂଲ୍ୟବୋଧକୁ ବୁଝ ଓ ହୃଦୟଙ୍ଗମ କର ଓ ତାହାକୁ ସମ୍ପାଦନ କରିବାକୁ ଚେଷ୍ଟା କର ବର୍ତମାନ ଯାହାର ଇଚ୍ଛା ହେଉଛି ସେ ଉକ୍ତ କଥାକୁ ସ୍ୱୀକାର କରୁ ଅବା ନ କରୁ କିନ୍ତୁ ଆମେମାନେ ତ ମୁସଲମାନ ସମ୍ପ୍ରଦାୟକୁ ନିଜ ଦୁଆରେ ଭୁଲିବୁ ନାହିଁ । ଅଲ୍ଲାଃ ତାଲା ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ଏମାନେ ହଜୁର ସ:ଆ:ସଙ୍କ ସତ୍ୟବାଦୀ ଦାସଙ୍କୁ ଚିହ୍ନି ନିଅନ୍ତୁ ଏବଂ ଜଗତବାସୀଙ୍କୁ ମଧ୍ୟ ସାମୁହିକ ଭାବରେ ଏହି ଚିନ୍ତା କରିବା ଉଚିତ ଯେ ଏପରି ମୂଲ୍ୟହୀନ କଥା କହିବା ଦ୍ୱାରା ଆମେମାନେ ଯଦି ଅଲ୍ଲାଃ ତାଲାଙ୍କଠାରୁ ଦୂରେଇ ଯାଉ ତାହେଲେ ଆମମାନଙ୍କର ବିନାଶ ସୁନିଶ୍ଚିତ ତେଣୁ ଆମମାନଙ୍କୁ ବିନମ୍ର ଭାବରେ ଏହି ଉଦ୍ୟମ କରିବା ଆବଶ୍ୟକ ଯେ, ଆମେମାନେ ଏ ଜଗତକୁ ଅଲ୍ଲାଃ ତାଲାଙ୍କ ଏକଶ୍ୱରବାଦର ଧ୍ୱଜା ତଳେ ଆଣି ଜମା କରିବା ସେମାନଙ୍କୁ ପ୍ରକୃତ ଈଶ୍ୱରଙ୍କ ସହ ପରିଚିତ କରାଇବା ଅଲ୍ଲାଃ ତାଲାଙ୍କ ରସୁଲ୍ ସ:ଆ:ସଙ୍କ ଧ୍ୱଜା ତଳକୁ ଆଣି ଏକତ୍ରିତ କରିବା ହେଉଛି ତହରିକେ ଯଦିଦ୍‌ର ପ୍ରକୃତ ଲକ୍ଷ୍ୟ ଅଲ୍ଲାଃ ତାଲା ଆମମାନଙ୍କୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଏହା ବ୍ୟତିତ ଜଗତର ସାମୁହିକ ଅବସ୍ଥା ପାଇଁ ମଧ୍ୟ ଦୁଆ କରିବା ଜଗତ ଉଦ୍ଧାର ହେଉ ଧ୍ୱଂସ ଆଡ଼କୁ ବିଶ୍ୱ ଯେଭଳି କ୍ଷିପ୍ରବେଗରେ ଗତି କରିଚାଲିଛି ଏହି କୋରୋନା ରୋଗରୁ ଅଲ୍ଲାଃ ତାଲା ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ ଏପରି ନ ହେଉ ଯେ, ଆଉ ଏକ ବିପତି ବିଶ୍ୱଯୁଦ୍ଧ ରୂପେ ଏମାନଙ୍କ ଉପରେ ଅବତୀର୍ଣ୍ଣ ହେଇଯାଉ । ଅଲ୍ଲାଃ ତାଲା ପୃଥିବୀବାସୀଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ ସେମାନେ ଏକ ଈଶ୍ୱରଙ୍କୁ ଚିହ୍ନି ତାଙ୍କ କର୍ତବ୍ୟ ସମ୍ପାଦନକାରୀ ରୂପେ ବିବେଚିତ ହୁଅନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

***ହଦିସ୍ ନଂ-୩୬୬୬) (ବୁଖାରୀ...... ହଦିସ୍ ନଂ- ୫୩୬୭)***

ଏବେ ଆଉ ଜଣେ ସାହାବିଙ୍କର ଏଠାରେ ଚର୍ଚ୍ଚା କରିବି ଯାହାଙ୍କ ନାମ ହେଉଛି ହଜ୍‌ରତ୍ ଅବୁ ଦୁଜାନା । ଅବୁ ଦୁଜାନା ହେଉଛନ୍ତି ହଜ୍‌ରତ୍ ସମାକ୍ ବିନ୍ ଖରସା । ତାଙ୍କର ସମ୍ବନ୍ଧ ଅନ୍‌ସାରମାନଙ୍କ କବିଲା ଖଜ୍‌ରଜ୍ ର ବନୁ ସାଆଦା ଶାଖା ସହିତ ଥିଲା । ହଜ୍‌ରତ୍ ଅବୁ ଦୁଜାନାଙ୍କ ବାପାଙ୍କ ନାମ ଖରସା ଥିଲା ଓ ଆଉ କେତେକ କହୁଛନ୍ତି ଯେ, ତାଙ୍କ ବାପାଙ୍କ ଅଓସ୍ ଥିଲା ଓ ଜେଜେଙ୍କ ନାମ ଖରସା ଥିଲା । ହଜ୍‌ରତ୍ ଅବୁ ଦୁଜାନାଙ୍କ ମାଆଙ୍କ ନାମ ହଜ୍‌ମା ବିନ୍‌ତେ ହର୍‌ମଲା ଥିଲା । ଅବୁ ଦୁଜାନା ନିଜ ନାମଠାରୁ ଅତ୍ୟଧିକ ନିଜର ସାଞ୍ଜା ଦ୍ୱାରା ପ୍ରଶିଦ୍ଧ ଥିଲେ । ତାଙ୍କର ଜଣେ ପୁତ୍ର ଥିଲା ଯାହାଙ୍କ ନାମ ଥିଲା ଖାଲିଦ୍ ଓ ତାଙ୍କ ମାଆଙ୍କ ନାମ ଥିଲା ଆମିନା । ***(ଉସ୍‌ଦୁଲ୍ ଗାବାଃ ଖଣ୍ଡ-୨, ପୃ-୩୧୭..... ବେରୁତ ଲେବ୍‌ନାନ୍ ୨୦୦୩) (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୧୯..... ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଉତ୍‌ବା ବିନ୍ ଗଜ୍‌ୱାନ୍ ର:ଅ ମକ୍କାରୁ ହିଜ୍‌ରତ୍ କରି ଯେତେବେଳେ ମଦିନାରେ ପହଂଚିଲେ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ସହିତ ହଜ୍‌ରତ୍ ଅବୁ ଦୁଜାନାଙ୍କର ଭାତୃଭାବ ପ୍ରତିଷ୍ଠା କରିଥିଲେ । ***ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୨୦..... ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଅବୁ ଦୁଜାନା ବଦର, ଓ୍ୱହଦ୍ ଏବଂ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । ***(ଉସ୍‌ଦୁଲ୍ ଗାବାଃ ଖଣ୍ଡ-୨, ପୃ-୩୧୭..... ବେରୁତ ଲେବ୍‌ନାନ୍ ୨୦୦୩)***

ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ଗଣନା ଅନ୍‌ସାରଙ୍କ ବଡ଼ ବଡ଼ ସାହାବାମାନଙ୍କ ମଧ୍ୟରେ ହୋଇଥାଏ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସେ ଯୁଦ୍ଧରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଛନ୍ତି । ***(ଅଲ୍‌ଇସ୍‌ତିୟାବ...... ଖଣ୍ଡ-୨, ପୃ-୨୧୨ ..... ବେରୁତ ୨୦୧୦)***

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଆମକୁ ଏ ଚେଷ୍ଟା କରିବାକୁ ହେବ ଯେ ଏ ଦୁନିଆ କିପରି ଅଲ୍ଲାଃଙ୍କ ଏକେଶ୍ୱରବାଦ ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଧ୍ୱଜା ତଳେ ଶରଣ ଦେଉ । ତହ୍‌ରିକ୍-ଏ-ଜଦିଦ୍‌ର ଉଦ୍ଦେଶ୍ୟ ହେଉଛି ଏହା ।

ଏ ବର୍ଷ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟାର ସଦସ୍ୟମାନେ ମାଲି ନିଜାମ୍‌ରେ ଏକ କୋଟି ୪୫ ଲକ୍ଷ ପାଉଣ୍ଡ କୁର୍ବାନୀ (ବଳିଦାନ) କରିବାର ସୌଭାଗ୍ୟ ପାଇଛନ୍ତି । ଏହି ଅର୍ଥ ବିଗତ ବର୍ଷ ତୁଳନାରେ ଆଠ ଲକ୍ଷ ୮୨ ହଜାର ପାଉଣ୍ଡ ଅଧିକା ।

ଅଲ୍ଲାଃ ତାଲା କହୁଛନ୍ତି: ମୋ ଧ୍ୟାନକୁ ଆକର୍ଷିତ କରିବାକୁ ହେଲେ, ମୋ ପ୍ରସନ୍ନତା ଲାଭ କରିବାକୁ ହେଲେ ନିଷ୍ପାପର ଭାବେ ଯେବେ ମୋର ପ୍ରିତିଭାଜନ ପ୍ରାପ୍ତ କରିବା ପାଇଁ ଯେବେ ଖର୍ଚ୍ଚ କରିବ ତେବେ ମୋର ଏ ପ୍ରତିଶୃତି ଯେ ମୁଁ ତୁମର ଭୟ ଦୂର କରିଦେବି, ତୁମର ଦୁଃଖ ହରଣ କରିବି, ତୁମ ଆତ୍ମ ସନ୍ତୋଷର ବ୍ୟବସ୍ଥା କରିଦେବି, ତୁମକୁ ସାନ୍ତ୍ୱନା ଦେବି ଏବଂ ତୁମକୁ ମୁଁ ମୋ ନିଜ କୋଳରେ ଧରିନେବି ।

ଯେଉଁ କୁର୍ବାନୀ (ବଳିଦାନ)ର ଉଦ୍ଦେଶ୍ୟ ଅଲ୍ଲାଃଙ୍କ ସାନ୍ନିଧ ପ୍ରାପ୍ତି କରିବାପାଇଁ, ସେହି କୁର୍ବାନୀ ହିଁ ଗ୍ରହଣୀୟ ହୋଇଥାଏ ।

ତହ୍‌ରିକ୍-ଏ-ଦିଦ୍‌ର ୮୬ ତମ ବର୍ଷର ସଫଳ ଓ ବାବରକତ୍ ସମାପ୍ତି ଏବଂ ୮୭ ତବ ବର୍ଷ ଆରମ୍ଭ ହେବାର ଘୋଷଣା

ଏ ବର୍ଷ ତହ୍‌ରିକ୍-ଏ-ଜଦିଦ୍ ଅନ୍ତର୍ଗତ ମାଲି କୁବାର୍ନୀ କରିଥିବା ପ୍ରଥମ ଦଶଟି ଦେଶରେ ଜର୍ମାନୀ, ବ୍ରିଟେନ୍, ଆମେରୀକା, କାନାଡ଼ା, ମଧ ପ୍ରାଚ୍ୟର ଏକ ଦେଶ, ଭାରତ, ଅଷ୍ଟ୍ରେଲିୟା, ଇଣ୍ଡୋନେସିଆ, ଘାନା ଏବଂ ପୁଣି ମଧ ପ୍ରାଚ୍ୟର ଏକ ଦେଶ ସାମିଲ୍ ଅଛନ୍ତି ।

ସାରା ଦୁନିଆରେ ବସବାସ କରୁଥିବା ବିଭିନ୍ନ ଜାତି ସହିତ ସମ୍ପର୍କ ରଖିଥିବା ଅହେମଦୀ ପୁରୁଷ, ମହିଳା ଏବଂ ପିଲାମାନେ ଏବଂ ନୂଆ ଅହେମଦୀମାନଙ୍କ ଅନୁପମ କୁର୍ବାନୀ ଓ ସେମାନଙ୍କ କୁର୍ବାନୀ ଫଳରେ ସେମାନଙ୍କ ଉପରେ ହୋଇଥିବା ଅଲ୍ଲାଃଙ୍କ କୃପା ସମ୍ବନ୍ଧରେ ଏ ଖୁତ୍‌ବାରେ ଚର୍ଚ୍ଚା ।

ବର୍ତମାନ ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଇସ୍‌ଲାମ୍ ଜଗତ ଏବଂ ମୁସଲମାନମାନଙ୍କ ପାଇଁ ଦୁଆ (ପ୍ରାର୍ଥନା) କରିବାକୁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୬ ନଭେମ୍ବର ୨୦୨୦ ଅନୁଯାୟୀ ୦୬ ନବୁଓ୍ୱତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ଅର୍ଥାତ ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ ବ୍ୟୟ କରନ୍ତି ସେମାନଙ୍କର ପାଳନକର୍ତାଙ୍କ ନିକଟରେ ପୁରସ୍କାର ଗଚ୍ଛିତ ଅଛି । ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେନାହିଁ ।

ପବିତ୍ର କୋରାନ୍‌ରେ ଅଲ୍ଲାଃ ତାଲା ବିଶ୍ୱାସକାରୀଙ୍କୁ ଅନେକସ୍ଥଳେ ଆର୍ଥିକ ବ୍ୟୟ କରିବାପ୍ରତି ଧ୍ୟାନ ଆକର୍ଷିତ କରିଛନ୍ତି ଅର୍ଥଦାନ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଛନ୍ତି । ଉକ୍ତ ଆୟତରେ ମଧ୍ୟ ବିଶ୍ୱାସକାରୀଙ୍କର ସେହି ବିଶେଷତାର ଚର୍ଚ୍ଚା କରାଯାଇଅଛି । ବିଶ୍ୱାସକାରୀ ଅଲ୍ଲାଃ ତାଲାଙ୍କର ପଥରେ ଦିବାରାତ୍ର ଅର୍ଥବ୍ୟୟ କରନ୍ତି ଏବଂ ସେମାନଙ୍କର ବ୍ୟୟ କରିବା ଗୋପନରେ ମଧ୍ୟ ହୋଇଥାଏ ଏବଂ ପ୍ରକାଶ୍ୟରେ ମଧ୍ୟ ହୋଇଥାଏ ଅଲ୍ଲାଃ ତାଲାଙ୍କ ନିକଟରେ ଏହି ଦୁଇପ୍ରକାରର ବଳିଦାନ ଗ୍ରହଣୀୟ । ଅନ୍ୟ ଏକ ସ୍ଥାନରେ ଅଲ୍ଲାଃ ତାଲା କୁହନ୍ତି ଏହି ବିଶ୍ୱାସକାରୀମାନଙ୍କର ଅଲ୍ଲାଃ ତାଲାଙ୍କ ପଥରେ ବ୍ୟୟ କରିବାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବା ଅଟେ । ତାଙ୍କ ପ୍ରିତିଭାଜନ ଲାଭ କରିବା ଅଟେ । ଯେପରି କି ଅଲ୍ଲାଃ ତାଲା କୁହନ୍ତି: **ଓ୍ୱ ମା ତୁନ୍‌ଫିକୁନା ଇଲ୍ଲବତିଗାଆ ଓ୍ୱଜ୍‌ହିଲ୍ଲାହି (ଅଲ୍‌ବକରାଃ:୨୭୩)** ଅର୍ଥାତ ସେମାନେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ବ୍ୟତିତ କଦାପି ବ୍ୟୟ କରନ୍ତି ନାହିଁ । ସେମାନଙ୍କର ଅଭିପ୍ରାୟ କେବଳ ଅଲ୍ଲାଃ ତାଲାଙ୍କର ପ୍ରତିଭାଜନ ଲାଭ କରିବା ଅଟେ । ସୁତରାଂ ଜଣେ ପ୍ରକୃତ ବିଶ୍ୱାସକାରୀର ଏହା ହିଁ ଲକ୍ଷଣ ଯେ, ସେ ପୂଣ୍ୟକର୍ମ ଓ ଉତମ ଆଚରଣ ପ୍ରଦର୍ଶନ କରୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ନିଜର ପବିତ୍ର ଅର୍ଥକୁ ବ୍ୟୟ କରୁ । ତା ମନରେ ସର୍ବଦା ଦିବାରାତ୍ର ପୂଣ୍ୟକାର୍ଯ୍ୟ କରିବାର ମନୋଭାବ ପୋଷଣ ରହିଥାଉ । ସେ ଅଲ୍ଲାଃ ତାଲାଙ୍କ ମାର୍ଗରେ କେବେ ଗୋପନରେ ତ କେବେ ପ୍ରକାଶ୍ୟରେ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରିଥାଏ । ଏହି ବଳିଦାନଗୁଡ଼ିକ ଅଲ୍ଲାଃ ତାଲାଙ୍କ ନିକଟରେ ସେତେବେଳେ ଯାଇ ଗ୍ରହଣୀୟ ହୋଇଥାଏ ଯେତେବେଳେ ଅଲ୍ଲାଃ ତାଲାଙ୍କ ପ୍ରତିଭାଜନ ଲାଭ କରିବା ସେମାନଙ୍କ ମୂଖ୍ୟ ଅଭିପ୍ରାୟ ହୋଇଥାଏ । ଯଦି ତାହା କେବଳ ପ୍ରକାଶ୍ୟପୂର୍ଣ୍ଣ ବଳିଦାନ ହୋଇଥିବ ତେବେ ଏଭଳି ବଳିଦାନ ଅଲ୍ଲାଃ ତାଲାଙ୍କର ପ୍ରସନ୍ନତା ପ୍ରାପ୍ତିର ସ୍ତର ଉନ୍ନିତ ହୋଇପାରିବ ନାହିଁ । ସୁତରାଂ ଏହି ମନୋଭାବ ହିଁ ଯାହାକୁ ସମ୍ମୁଖରେ ରଖି ଜଣେ ବିଶ୍ୱାସକାରୀଙ୍କୁ ବଳିଦାନ ଦେବା ଉଚିତ ଏବଂ ଏହା ହିଁ ସେହି ଆତ୍ମା ଯାହାକୁ ସମ୍ମୁଖରେ ରଖି ଯମାତ୍‌ର ସଦସ୍ୟବୃନ୍ଦ ଅଲ୍ଲାଃ ତାଲାଙ୍କ ଦୟାରୁ ଅର୍ଥ ଦାନ କରିଥାନ୍ତି । ଯଦି ଏହି ଉଦ୍ଦେଶ୍ୟ ରଖି ଆମେ କୁର୍ବାନୀ କରିବା ଅବା କୁର୍ବାନୀ କରୁନାହେଁ ତେବେ ଆମ ବଳିଦାନ କରିବା ମୂଲ୍ୟହୀନ ଓ ଭିତିହୀନ ତଥା ନିରର୍ଥକ ସାବ୍ୟସ୍ତ ହୋଇଥାଏ କିନ୍ତୁ ଯଦି ଏହି ଉଦ୍ଦେଶ୍ୟରେ ଆମେ ବଳିଦାନ କରିବା କି ଅମୁକ ବ୍ୟକ୍ତି ଏତେ ଟଙ୍କା ଦାନ କରୁଛି ଏବଂ ମତେ ତାଠାରୁ ଆଗକୁ ବଢ଼ିବା କଥା ତେବେ ତାହା ବୃଥାଯିବ । ଅବା ଯଦି ଏହି ଚିନ୍ତା ଘାରୁଛି କି ଅମୁକ ବ୍ୟକ୍ତି ଅଥବା ଅମୁକ ଯମାତ୍ ଅଥବା ହଲ୍‌କା କୁର୍ବାନୀରେ ଆମଠାରୁ ଆଗକୁ ବଢ଼ିନ ଯାଆନ୍ତୁ ଯଦ୍ୱାରା ଲୋକେ ଆମକୁ କଣ କହିବେ ପ୍ରତିଯୋଗିତା ମନୋଭାବ ନିଃସନ୍ଦେହରେ ବହୁତ ଭଲ କଥା କିନ୍ତୁ ଲୋକ ଆମକୁ କଣ କହିବେ ଏପରି ମନୋଭାବ ରଖିବା ଠିକ୍ ନୁହେଁ । ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ଆମେ ବଳିଦାନକାରୀଙ୍କ ମଧ୍ୟରେ ପରିଗଣିତ ହେଉ ଏହି ଉଦ୍ଦେଶ୍ୟ ରହିବା ସାର କିନ୍ତୁ ଗର୍ବ କରି ଲୋକମାନଙ୍କୁ କହିବା ଯେ ମୁଁ ଏତେ ଚାନ୍ଦା ଦେଉଛି ଅବା କୌଣସି ତର୍କବିତର୍କ  ସମୟରେ କର୍ମକର୍ତାଙ୍କ ସମ୍ମୁଖରେ ପରିପ୍ରକାଶ କରିବା କି ମୁଁ ଏତେ ଚାନ୍ଦା ଦେଉଛି ତେଣୁ ମୋର ଅଧିକାର ଯେ ମୋର ଅମୁକ କଥାକୁ ଆପଣମାନେ ବିନା ଦ୍ୱିଧାରେ ସ୍ୱୀକାର କରିନିଅନ୍ତୁ କିମ୍ବା ଅମୁକ ସୁବିଧା ସୁଯୋଗ ମତେ ଉପଲବ୍ଧ କରନ୍ତୁ ଅବା କାହା ମନରେ ଏକଥା ପୋଷଣ କରିବା କି ଯେହେତୁ ମୁଁ ଏତେ ପରିମାଣରେ ଅର୍ଥଦାନ କରୁଛି ତେଣୁ ଉପସ୍ଥିତ ଖଲିଫା ଅବା କର୍ମକର୍ତାଙ୍କ ସମ୍ମୁଖରେ ମୁଁ ଆସିଯିବି ଏବଂ ମୋର ସେମାନେ ପ୍ରଶଂସା କରିବେ ତେବେ ସମସ୍ତ କଥା ମୂଲ୍ୟହୀନ ଅପ୍ରାସଙ୍ଗିକ ଏବଂ ଅର୍ଥ ଦାନ କରିବାର ପରିପନ୍ଥି ନୁହେଁ । ବିରୋଦ୍ଧିୟ ଅଟେ ବରଂ ଏ ସବୁ ଓଲଟା ମଣିଷକୁ କ୍ଷତିରେ ପକାଇଥାଏ କ୍ଷତିର କାରଣ ସାବ୍ୟସ୍ତ ହୋଇଥାଏ । ଅଲ୍ଲାଃ ତାଲା କୁହନ୍ତି ଏ ସମସ୍ତ କଥା ଅଶୁଦ୍ଧ ଅଟେ ଯଦି

ମୋ ମାର୍ଗରେ ଖର୍ଚ୍ଚ କରିବାକୁ ଚାହୁଁଛ ତେବେ କେବଳ ଗୋଟିଏ ଉଦ୍ଦେଶ୍ୟ ହେବା ଉଚିତ କି କିଭଳି ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବି କାରଣ ଏଭଳି ବ୍ୟକ୍ତିକୁ ସେ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିଥାନ୍ତି କିନ୍ତୁ ସେହି ମର୍ଯ୍ୟାଦା ତାହାକୁ ନମ୍ରତାରେ ଅଧିକ ବଢ଼ାଇବା ଉଚିତ ବରଂ ତାହାକୁ ଏତିକି କଥା ମଧ୍ୟ ଲଜ୍ଜିତ କରିଥାଏ କି ଲୋକେ ମୋର ପ୍ରଶଂସା କରିବେ । ଯଦି ତା ମନରେ କିଛି ଅଭିଳାଷ ରହିଥାଏ ତେବେ ତାହା କେବଳ ଏତିକି ଯେ ଉପସ୍ଥିତ ଖଲିଫା ମୋ ପାଇଁ ଦୁଆ କରିବେ ଏବଂ ତାଙ୍କ ସହ ମୋର ସମ୍ପର୍କ କିପରି ଘନିଷ୍ଠ ହେବ ସୁଦୃଢ଼ ହେବ । ଏହା ସ୍ୱଭାବିକ କଥା ଯେ, ମଣିଷ ଯାହାର ବୟତ କରିଥାଏ ତାହାର ଦୁଆ ରୁ ଭାଗ ନେଇଥାଏ ଯଦି ଖିଲାଫତ୍ ଉପରେ ବିଶ୍ୱାସ ରହିଛି ତେବେ ଏଭଳି ଅଭିଳାଷ କରିବାରେ କୌଣସି ଅସୁବିଧା ନାହିଁ କିନ୍ତୁ ନିୟତ ଲୋକଦେଖାଣିଆ ହେବା ଉଚିତ ନୁହେଁ ବରଂ ମଣିଷର ଅଭିପ୍ରାୟ କେବଳ ଏତିକି ରହିବା ଉଚିତ ଯେ, ତା'ର ସୃଷ୍ଟିକର୍ତ୍ତାର ସେ ପ୍ରିତିଭାଜନ ଲାଭକାରୀ ହେଉ ଯଦ୍ୱାରା ସେହି ବଳିଦାନ ଫଳସ୍ୱରୁପ ଉପସ୍ଥିତ ଖଲିଫା ମୋ ପାଇଁ ଦୁଆ କରିବେ ମୁଁ ପ୍ରଭୁଙ୍କ ସାନ୍ନିଧ ଲାଭ କରିବି ପ୍ରଭୁଙ୍କ ପ୍ରିତିଭାଜନ ଓ ପୂଣ୍ୟବନ୍ତଙ୍କ ପରସ୍ପର ପାଇଁ ଦୁଆ କରିବା ହିଁ ପରସ୍ପରର ଆଧ୍ୟାତ୍ମିକ ଉନ୍ନତିର ମାଧମ ସାଜିଥାଏ । ଅତଃ ଏହି ଚିନ୍ତାଧାରା ମଧ୍ୟ ଅଲ୍ଲାଃ ତାଲାଙ୍କ ଶିକ୍ଷା ମୁତାବକ ଅଟେ ।

ଅଲ୍ଲାଃ ତାଲା କୁହନ୍ତି ମୋ ପ୍ରସନ୍ନତା ହାସଲ କରିବାପାଇଁ ମୋ ପ୍ରିତିଭାଜନ ଲାଭ କରିବାପାଇଁ ଯେତେବେଳେ ପ୍ରଭୁଙ୍କ ମାର୍ଗରେ ତୁମେ ଖର୍ଚ୍ଚ କରିବ ତେବେ ମୋର ଅଙ୍ଗୀକାର ରହିଛି ଯେ, ମୁଁ ତୁମ ଭୟପ୍ରଦ ଅବସ୍ଥାକୁ ନିଶ୍ଚିତରୂପେ ଦୁର କରିଦେବି, ତୁମର ସମସ୍ତ ଦୁଃଖକଷ୍ଟ ଦୁର କରିଦେବି ଏବଂ ତୁମ ଆତ୍ମସନ୍ତୋଷର ସମସ୍ତ ବ୍ୟବସ୍ଥା କରିଦେବି ଏବଂ ତୁମକୁ ନିଜ କୋଳରେ ଧାରଣ କରିନେବି । ଏହି ଚିନ୍ତାଧାରା ପ୍ରଭୁଙ୍କ କୃପାରୁ ସେହି ଦଳର ଅଟେ ଯେଉଁମାନେ, ସାମ୍ପ୍ରତିକ ଯୁଗରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ଯିଏକି ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସଚ୍ଚୋଟ ଦାସ ଥିଲେ ତାଙ୍କୁ ସ୍ୱୀକାର କରିନେଇଛି କି ପ୍ରଭୁଙ୍କ ଧର୍ମ ପାଇଁ ଅର୍ଥ ଦାନ କରିବି । ବାସ୍ତବିକ ପ୍ରଭୁ ତାହାର ପ୍ରତିଫଳ ନ ଦେଇ ତାକୁ ଖାଲି ଛାଡ଼ି ନଥାନ୍ତି । ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ ଏଥିପାଇଁ କରିଥାଏ କି ଏତଦ୍‌ଦ୍ୱାରା ତାଙ୍କର ପ୍ରିତିଭାଜନ ଲାଭ ହେବ । ପରିଣାମ ସ୍ୱରୁପ ପ୍ରଭୁ କେତେବେଳେ ସଙ୍ଗେ ସଙ୍ଗେ ତାହାର ପୁରସ୍କାର ଅର୍ଥ ଆକାରରେ ତ କେତେବେଳେ ସମ୍ମାନ ଆକାରରେ ପ୍ରଦାନ କରିଥାନ୍ତି ଏବଂ ଏହାର ଉଦାହରଣ ପ୍ରତିଦିନ ଆମେ ଯମାତ୍‌ରେ ଅବଲୋକନ କରୁଅଛେ । ଦଶଟି, କୋଡ଼ିଏଟି ଅବା ଶହ ଶହ ନୁହେଁ ବରଂ ହଜାର ହଜାର ସଂଖ୍ୟାରେ, ଲକ୍ଷାଧିକ ସଂଖ୍ୟାରେ ଯାହାଙ୍କୁ ପ୍ରଭୁଙ୍କ ପ୍ରିତିଭାଜନ ହାସଲ ହେବାର ନିଦର୍ଶନ ପ୍ରତିଦିନ ଦେଖିବାକୁ ମିଳୁଅଛି ଏତଦ୍‌ଦ୍ୱାରା ସେମାନଙ୍କ ବିଶ୍ୱାସ ମଧ୍ୟ ସୁଦୃଢ଼ ହେଉଅଛି । ନିଶ୍ଚିତ ରୂପେ ସେହି ଅର୍ଥଦାନକାରୀଙ୍କୁ ଏକଥା ମଧ୍ୟ ସ୍ମରଣ ରଖିବା ଉଚିତ ଯେ ସେମାନଙ୍କର ସ୍ତ୍ରୀପିଲାଙ୍କର ମଧ୍ୟ ସେମାନଙ୍କ ଉପରେ କିଛି ଅଧିକାର ରହିଛି ଏବଂ ସେହି କର୍ତବ୍ୟ ସମ୍ପାଦନ କରିବା ମଧ୍ୟ ଜଣେ ବିଶ୍ୱାସକାରୀ ପାଇଁ ଜରୁରୀ ଅଟେ । ସେମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ ରଖିବା ସେମାନଙ୍କର ଆବଶ୍ୟକତା ପୂରଣ ନ କରିବା ମଧ୍ୟ ପାପ ଅଟେ । ଏଥି ସହିତ ଏହା ମଧ୍ୟ ମନେ ରଖିବା ଉଚିତ ଯେ, ଅଳ୍ପକେ ଖୁସୀ ହେବା ଓ ନିଜ ପରିବାରବର୍ଗଙ୍କୁ ଏହାର ଗୁରୁତ୍ୱ ପ୍ରସଙ୍ଗରେ ଅବଲୋକନ କରାଇବା ଓ ବଳିଦାନ କରିବାପ୍ରତି ସେମାନଙ୍କ ଧ୍ୟାନ ଆକର୍ଷିତ କରିବା ଉଚିତ । ପୁନଶ୍ଚ ଏପରି ଲୋକମାନଙ୍କ ସନ୍ତାନମାନେ ଅଲ୍ଲାଃଙ୍କ କୃପାରୁ ତାଙ୍କର ଏଭଳି ପୁରସ୍କାରର ଅଧିକାରୀ ହୋଇଥାନ୍ତି କି ତାହା ଦେଖି ମଣିଷ ଆଚମ୍ବିତ ହୋଇଯାଏ ।

ବର୍ତମାନ ମୁଁ କିଛି ବଳିଦାନକାରୀଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିବି ଯାହା ସେମାନଙ୍କ ବଳିଦାନ ଦେବା ଯୋଗୁଁ ଅଲ୍ଲାଃ ତାଲାଙ୍କର କୃପା ସେମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଛି କିମ୍ବା ଅର୍ଥଦାନ କରିବା ପ୍ରତି ଆହ୍ୱାନ ଦେବା ଯୋଗୁଁ ସେମାନେ ସେଥିରେ ହାଜର ହୋଇଛନ୍ତି ଏବଂ ଅଲ୍ଲାଃ ତାଲା ପୁଣି ସେମାନଙ୍କୁ କିଭଳି ଭାବରେ ପ୍ରତିଫଳସ୍ୱରୁପ ସମ୍ମାନିତ କରିଛନ୍ତି ତାହାର କେତେକ ଜ୍ୱଳନ୍ତ ଦୃଷ୍ଟାନ୍ତ ଏଠାରେ ବର୍ଣ୍ଣନା କରୁଅଛି । ଏହି ଘଟଣାବଳୀ ଚର୍ଚ୍ଚା କରିବାରେ ଉଦ୍ଦେଶ୍ୟ ମଧ୍ୟ ଏତିକି ଯେ ଏତଦ୍‌ଦ୍ୱାରା ଅନେକ ସମୟରେ ସେଥିରୁ ଅନେକ ସୁଫଳ ମିଳିଥାଏ ଓ ଅନେକ ଲୋକେ ତାହା ଶୁଣି ଧର୍ମମାର୍ଗରେ ଅର୍ଥ ଦାନ କରିବା ପ୍ରତି ମନବଳାଇଥାନ୍ତି । ଅନୁପ୍ରାଣିତ ହୋଇଥାନ୍ତି । କେତେକ ଲୋକ ପତ୍ର ମଧ୍ୟ ଲେଖିଥାନ୍ତି ଯେ ଉକ୍ତ ଘଟଣାମାନ ଆମ ଉପରେ ଗଭୀର ପ୍ରଭାବ ପକାଇଛି ଆମକୁ ପ୍ରଭାବିତ କରିଛି ଏବଂ ଆମେ ମଧ୍ୟ ପ୍ରଭୁଙ୍କ କୃପାରୁ ନିର୍ଦ୍ଦଶନ ସ୍ୱଚକ୍ଷୁରେ ଅବଲୋକନ କଲୁ ।

ଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: "ପବିତ୍ର କୋରାନ୍‌ରେ ବର୍ଣ୍ଣିତ ରହିଛି ତୁମେ ଏପରି କରନାହିଁ ନିଜର ସମସ୍ତ କାର୍ଯ୍ୟ ଅନ୍ୟଠାରୁ ପ୍ରଚ୍ଛନ ରଖ ବରଂ ନିଜ ପୂଣ୍ୟକର୍ମ ଗୁଡ଼ିକୁ ଲୁକ୍କାୟିତ ଭାବରେ ସମ୍ପର୍ଣ୍ଣ କର କାରଣ ତୁମେ ବୁଝିନିଅ ଯେ, ଏହା ତୁମାପାଇଁ ଉତମ । ଆଉ କେତେକ କାମ ପ୍ରକାଶ୍ୟରେ କର ଯେତେବେଳେ କି ତୁମେ ଦେଖ ଯେ, ପ୍ରକାଶ୍ୟ ରେ ପୂଣ୍ୟ ସମ୍ପାଦନ କଲେ ତାହା ସାଧାରଣ ଲୋକମାନଙ୍କ ପକ୍ଷେ ଫଳପ୍ରଦ ସାବ୍ୟସ୍ତ ହେବା ଯଦ୍ୱାରା ତୁମକୁ ଦୁଇଟି ପ୍ରତିଫଳ ଓ ସୁଫଳ ମିଳିବ, ପୂଣ୍ୟ ମିଳିବ ଏବଂ ଦୁର୍ବଳ ଶ୍ରେଣୀର ଲୋକେ ତୁମର ଅନୁକରଣ ଦ୍ୱାରା ସେହି ପୂଣ୍ୟ ଅର୍ଜନ କରିନେବେ" । ସେ ଆହୁରି କୁହନ୍ତି କି "କେବଳ କଥାରେ ଲୋକମାନଙ୍କୁ ବୁଝାଅନାହିଁ ବରଂ ନିଜ କର୍ମ ଦ୍ୱାରା ମଧ୍ୟ ଲୋକମାନଙ୍କୁ ଅନୁପ୍ରାଣିତ କର କାରଣ ପ୍ରତ୍ୟେକ ସ୍ଥାନରେ କହିବା ଫଳପ୍ରଦ ସାବ୍ୟସ୍ତ ହୋଇନଥାଏ ବରଂ ମଣିଷର ଉତମ ନମୁନା ଉତମ ଆଚରଣ ଅନ୍ୟକୁ ପ୍ରଭାବିତ କରିଥାଏ" ।

***(କଶ୍‌ତି ନୂହ୍, ରୁହାନୀ ଖାଜାଇନ୍, ଖଣ୍ଡ-୧୯, ପୃ-୩୧-୩୨)***

ସୁତରାଂ ଆଜି ମୁଁ ଯେଉଁ ଘଟଣାମାନ ବର୍ଣ୍ଣନା କରିବାକୁ ଯାଉଛି ସେଥିସଂକ୍ରାନ୍ତରେ ଲୋକେ ମଧ୍ୟ ଲେଖିଛନ୍ତି ଯେ ଏତଦ୍‌ଦ୍ୱାରା ଲୋକମାନଙ୍କ ଉପରେ ଉତମ ପ୍ରଭାବ ପଡୁ । ଆଉ କେତେକ ତ ଲେଖିଛନ୍ତି ଯେ ଆମ ନାମ ପ୍ରକାଶ କରିବେନାହିଁ । ଅଲ୍ଲାଃ କରନ୍ତୁ କି ଏହି ଘଟଣାମାନ ସେମାନଙ୍କ ପାଇଁ ଦୁଇଟି ପୂଣ୍ୟ ଅର୍ଜନ କରିବାର କାରଣ ସାବ୍ୟସ୍ତ ହେଉ ।

ବୟତ କରିବା ପରେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବାପାଇଁ ମନ ଭିତରେ ନିଜର ଅତି ପ୍ରିୟ ଅର୍ଥକୁ କିଭଳି ବ୍ୟୟ କରିବାର ଅଭିଳାଷା ରହିଥାଏ ଏ ସଂକ୍ରାନ୍ତରେ ଆଲ୍‌ବାନିୟାରେ ମୁବ୍‌ଲିଗ୍ ସାହେବ ସମଦ୍ ସାହେବ ଉଲ୍ଲେଖ କରିଛନ୍ତି କି ଜଲ୍‌ସା ସାଲାନା ୨୦୨୦ ମସିହାରେ ମୋର ଅନ୍ତିମ ଅଭିଭାଷଣରେ ଜଣେ ଆଲ୍‌ବାନିୟ ବନ୍ଧୁ ନବାଗତ ଅହେମଦୀ ଶ୍ରୀମାନ ଜାଫର୍ କୋଚି ସାହେବ ଉକ୍ତ ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ମୁଁ ମଧ୍ୟ ସେହି ଅଭିଭାଷଣରେ ତାଙ୍କର ଅହେମଦୀୟତ ଗ୍ରହଣ କରିବା ସମ୍ବନ୍ଧରେ ଚର୍ଚ୍ଚା ମଧ୍ୟ କରିଥିଲି । ଅଗଷ୍ଟ ମାସ ପର୍ଯ୍ୟନ୍ତ ତାଙ୍କର କୌଣସି ଆମଦାନୀ ନଥିଲା । ମୁବ୍‌ଲିଗ୍ ସାହେବଙ୍କୁ ସେ ନିଜ ଚାନ୍ଦା ବିସ୍ତୃତ ବିବରଣୀ ବିଷୟରେ ପଚାରିବାରୁ ତାଙ୍କୁ ଆଉଥରେ ଚାନ୍ଦା ସମ୍ପର୍କରେ ପରିଚିତ କରାଗଲା ଏହା ପରେ ସେ କହିବାକୁ ଲାଗିଲେ ଯେ ଚଳିତ ମାସରେ ହିଁ ତାଙ୍କର ଘର ଭଡ଼ାରେ ଦିଆଯାଇଅଛି ଏବଂ ତାଙ୍କୁ ଘରର ଭଡ଼ା ପ୍ରାପ୍ତ ହୋଇଛି ସୁତରାଂ ସେ ସେହି ପ୍ରଥମ ଆୟରୁ ଧାର୍ଯ୍ୟ ଚାନ୍ଦା ମୁତାବକ ଚାନ୍ଦା ଆଦାୟ କରିଥିଲେ । ମୁବ୍‌ଲିଗ୍ ସାହେବ କୁହନ୍ତି ଯେ ମୁଁ ତାଙ୍କୁ କହିଲି ଅଲ୍ଲାଃ ତାଲାଙ୍କର ଏହି ପବିତ୍ର କୋରାନ୍‌ରେ ଏହି ପ୍ରତିଶୃତି ରହିଛି, ଅଙ୍ଗୀକାର ରହିଛି ଯେ ଆର୍ଥିକ ବଳିଦାନ କରୁଥିବା ବ୍ୟକ୍ତିକୁ ତା ଦ୍ୱାରା ଦିଆଯାଇଥିବା ଅର୍ଥର ଅନେକ ଗୁଣ ବଢ଼ାଇ ଚଢ଼ାଇ ଦିଆଯାଇଥାଏ । ମୋହଦୟ କହିବାକୁ ଲାଗିଲେ ଯେ ମୁଁ ଏହି ଉଦ୍ଦେଶ୍ୟ ରଖି ଚାନ୍ଦା ଦେଉନାହିଁ ବରଂ ମୁଁ ତ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବାପାଇଁ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆଦେଶ କ୍ରମେ ଧର୍ମ ସକାଶେ ଅର୍ଥଦାନ କରୁଅଛି ଓ ଇସ୍‌ଲାମ୍‌ର ଏହି ଆଦେଶ ରହିଛି ଯେ ଧର୍ମ ପାଇଁ ଅର୍ଥ ଦାନ କରିବା ଉଚିତ । ତେଣୁ ସେ ଚାନ୍ଦା ଦେଲେ ଏବଂ ବର୍ତମାନ ସେ ନିୟମିତ ରୂପେ ପ୍ରତିମାସରେ ଚାନ୍ଦା ପଇଠ କରିଯାଉଛନ୍ତି । ଏହି ଚିନ୍ତାଧାରା ଗୋଟିଏ ଥରରେ ପରିବର୍ତନ ହୋଇଯାଇଥାଏ ସେହି ସାସାଂରିକ ମାନଙ୍କର ମଧ୍ୟ

ଆର୍ଜେଂଟିନାର ମୁବଲିଗ୍ ସାହେବ ଶ୍ରୀମାନ ସରୱର ସାହେବ ଲେଖିଛନ୍ତି ଯେ ଆର୍ଜେଂଟାଇନ୍‌ରେ କରୋନା ଭାଇରସ ଓ ଅନ୍ୟ ଭୁତାଣୁ ଯୋଗୁଁ ଜନସାଧାରଣ ଭୀଷଣ ଆର୍ଥିକ କ୍ଷତିଗସ୍ତରର ସମ୍ମୁଖିନ ହୋଇଛନ୍ତି କିନ୍ତୁ ତଥାପି ନବାଗତ ଅହେମଦୀମାନଙ୍କୁ ବୁଝାଗଲା ଯେ, ଅର୍‌କାନେ ଇସ୍‌ଲାମ୍‌ର ଗୋଟିଏ ଶାଖା ଇନ୍‌ଫାକ୍ ଫଇ ସବିଲିଲ୍ଲାଃ ଅର୍ଥାତ ଧର୍ମ ମାର୍ଗରେ ଅର୍ଥ ଦାନ କରିବା ଅଟେ । ଯମାତ୍ ଅହେମଦୀୟା ଏହି ଐଶି ନିର୍ଦ୍ଦେଶବଳୀ ଉପରେ ଅବଲମ୍ବନ କରିବା ନିମନ୍ତେ ତହ୍‌ରିକ୍ ଯଦିଦ୍‌ର ଏକ ସ୍କିମ୍ ଆରମ୍ଭ କରାଯାଇଛି ଏଥିରେ ନବାଗତ ଅହେମଦୀ ନିଜ ସାମର୍ଥ୍ୟ ଅନୁଯାୟୀ ବଢ଼ିଚଢ଼ି କୁର୍ବାନୀ କରିଥାନ୍ତି । ସେମାନଙ୍କ ମଧ୍ୟରେ ଜଣେ ମହିଳା ଥିଲେ ଶ୍ରୀମତି ଫାତିମା ୱେରୋନିକା (Fatima Veronica) ସାହିବା ତାଙ୍କୁ ଅସାଧାରଣ ବଳିଦାନର ସୌଭାଗ୍ୟ ପ୍ରାପ୍ତି ହୋଇଥିଲା । ସେ ଜଣେ ବିଧବା ମହିଳା, ବୃତିଗତ ଦୃଷ୍ଟିକୋଣରୁ ତାଙ୍କର ଆମଦାନୀ ଖୁବ୍ କମ୍ ଥିଲା । ଯେତେବେଳେ ସାମୁହିକ ଭାବରେ ବଳିଦାନ କରିବାର ଘୋଷଣା କରାଗଲା କି ତହ୍‌ରିକେ ଯଦିଦ୍‌ର ବର୍ଷ ଶେଷ ହୋଇଚାଲିଛି ଆଉ ମାତ୍ର ଅଳ୍ପ କିଛି ଦିନ ବାକି ରହିଯାଇଛି ସେତେବେଳେ ସେ ସନ୍ଦେଶ ଦେଲେ କି ବର୍ତମାନ ମୋର ସାମର୍ଥ୍ୟ ନାହିଁ କିନ୍ତୁ କିଛି ଦିନ ମଧ୍ୟରେ ଚେଷ୍ଟା କରିବି କି କିଛି ଟଙ୍କା ଏହି ପାଣ୍ଠିରେ ଦାନ କରିଦେବି । ଅତଏବ କିଛି ଦିନ ପରେ ସେ ୫ ହଜାର ଆର୍ଜେଂଟାଇନ୍ ରାଶି ପଇଠ କରିଦେଲେ । ମୁବ୍‌ଲିଗ୍ ସାହେବ ଲେଖିଛନ୍ତି ଏଭଳି ପ୍ରତିକୂଳ ପରିସ୍ଥିତିରେ ତାଙ୍କର ଏଭଳି ମୋଟାଅଙ୍କର ରାଶି ପ୍ରଦାନ କରିବା ବହୁତ ବଡ଼ କଥା ଥିଲା ଏବଂ ତାଙ୍କ ଆଚରଣ ଦେଖି ମୁଁ ତାଙ୍କୁ କୃତଜ୍ଞତା ଜ୍ଞାପନ କଲି ଏଥିରେ ସେ କହିଲେ ଏଥିରେ କୃତଜ୍ଞତାର କୌଣସି କାରଣ ନାହିଁ ମୁଁ ସ୍ୱହୃଦୟରୁ ଓ ବୁଝି ସୁଝି ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛି ଏଣୁ ଏହାର ଆଦେଶ ପାଳନ କରିବା ମୋର ପରମକର୍ତବ୍ୟ ବରଂ ମୁଁ ତ ଲଜ୍ଜିତ ଯେ, କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ମୁଁ ଧର୍ମପାଇଁ ସମୟର ବଳିଦାନ କରିପାରୁନାହିଁ ଯାହାକି ଜଣେ ଅହେମଦୀର କର୍ତବ୍ୟ ଏହି ମନଭାବ ଓ ପରିବର୍ତନ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଯମାତ୍‌ରେ ପୂଣ୍ୟ ବିଶ୍ୱସ୍ତତାର ସହ ସାମିଲ ହେବା ଯୋଗୁଁ ପ୍ରଭୁ ସେମାନଙ୍କ ଅନ୍ତରରେ ଉତ୍ପନ୍ନ କରିଦେଇଛନ୍ତି କି, ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବା ଉଚିତ ଏବଂ ଏହା ହିଁ ମୂଳ ଲକ୍ଷ୍ୟ ରହିବା ଉଚିତ ଏହି ମନପ୍ରାଣର ସହ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମିଶନକୁ ପୂରଣ କରିବାର ପ୍ରୟାସ କରିବା ଉଚିତ ।

ଇଣ୍ଡୋନେସିଆ ଏହା ଦୁନିଆର ଗୋଟଏ ପଟେଥିବା ଏକ ଦ୍ୱୀପପୁଞ୍ଜ । ସେଠାକାର ଅମୀର ସାହେବ ଲେଖିଛନ୍ତି । ତନ୍‌ଗେରାଙ୍ଗ (Tangerang) ସହରରେ ଜଣେ ମହିଳା ଶ୍ରୀମତି ମର୍ସିଲା କହିଲେ କରୋନା ଯୋଗୁଁ ତାଙ୍କ ଚାକିରି ଚାଲିଗଲା ସେ ନିଜର ଏକ କାରବାର ଆରମ୍ଭ କରିଦେଲେ କିନ୍ତୁ ସେଥିରୁ ମଧ୍ୟ କିଛି ଲାଭ ହେଲାନାହିଁ ଯଦ୍ୱାରା ସେ ଅନ୍‌ଲାଇନ୍ ମୋଟର ସାଇକେଲ ଟ୍ୟାକ୍ସିରେ କାମ କରିବା ଆରମ୍ଭ କରିଦେଲେ ସେଥିରେ

ମଧ୍ୟ ସମାନ୍ ଅସୁବିଧାର ସେ ସମ୍ମୁଖିନ ହେଲେ । ଏପରି କି ସେ କୁହନ୍ତି ଆମ ଅବସ୍ଥା ଏଭଳି ସଙ୍କଟାପନ୍ନ ହୋଇଗଲା ଯେ, ଆସନ୍ତା ଦିନ ଖାଇବାକୁ କିଛି ମିଳିବ କି ନାହିଁ ତାହା ମଧ୍ୟ ଜଣାନଥିଲା । ସେ କୁହନ୍ତି ମୁଁ ଆଶାବାଦୀ ଥିଲି ଯେ ରମ୍‌ଜାନ୍ ମାସରେ ନିଜ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ପାଇଠ କରିଦେବି କିନ୍ତୁ ଏଭଳି ପରିସ୍ଥିତିରେ  ସେ ସମ୍ମୁଖିନ ହୋଇଥିଲେ ଯେ ତାହା ତାଙ୍କୁ ଅସମ୍ଭବ ମନେ ହେଉଥିଲା । ସେ କୁହନ୍ତି ମୋ ସ୍ୱାମୀ ମତେ ଦୁଆ କରିବାକୁ କହିଲେ କି ଦୁଆ କର ତୁମ ପ୍ରତିଶୃତି ପୂରଣ ହୋଇଯିବ ଅର୍ଥାତ ଧର୍ମମାର୍ଗରେ ତହ୍‌ରିକ୍ ଯଦିଦ୍‌ରେ ତୁମେ ଯେଉଁ ପ୍ରତିଶୃତି କରିଛ ଯେ, ଏତିକି ଟଙ୍କା ଚାନ୍ଦା ଦେବ ତାହା ପୂରଣ ହୋଇଯିବ । ରମ୍‌ଜାନ୍‌ରେ ମୁଁ ସ୍ୱପ୍ନରେ ଦେଖିଲି ଜଣେ ବ୍ୟକ୍ତି ମତେ କହୁଛନ୍ତି କି କଣ ତୁମେ କିଛି ପ୍ରତିଜ୍ଞା କରିଥିଲ ମୁଁ ଉତର ଦେଲି ହଁ । ସେ କହିଲେ ତାହା ପୂରଣ କର, ଆଖି ଖୋଲିଲା ବେଳକୁ ତହ୍‌ଯୁଦ୍‌ର ସମୟ ହୋଇଯାଇଥିଲା । ନମାଜ ପାଠ ଓ ସହ୍‌ରି ଖାଇବା ପରେ ମୁଁ ଉକ୍ତ ସ୍ୱପ୍ନର ଚର୍ଚ୍ଚା ନିଜ ସ୍ୱାମୀଙ୍କ ନିକଟରେ କଲି । ତାଙ୍କୁ ଶୁଣାଇଲି । କିଛି ଦିନ ପରେ ମୋ ସ୍ୱାମୀ ଅତି ଆନନ୍ଦର ସହ ଘରକୁ ଆସିଲେ ଏବଂ ଏକ ମୋଟା ରାଶି ଦେଇ କହିଲେ, ନିଜ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ପଇଠ କରିଦିଅ ଯେତେବେଳେ ସେ ଅନ୍‌ଲାଇନ୍ ମୋଟର ସାଇକେଲ, ଟ୍ୟାକ୍ସିର ଲାଭ ଯାହାକି ୫୦ ହଜାର ଇଣ୍ଡୋନେସିଆନ୍ ଟଙ୍କା ନେବାପାଇଁ ବ୍ୟାଙ୍କରେ ପହଂଚିଲେ ସେତେବେଳେ କଣ ଦେଖିଲେ କି ତାଙ୍କ ଆକାଉଂଟରେ ୨୦ ଗୁଣ ଅଧିକ ରାଶି ଜମା ହୋଇଯାଇଛି । ସେ କୁହନ୍ତି ଆମକୁ ଏପର୍ଯ୍ୟନ୍ତ ସୁଦ୍ଧା ଜଣାନାହିଁ ତାହା କେଉଁଠାରୁ ଆସିଲା କିନ୍ତୁ ମୋର ବିଶ୍ୱାସ ଏହା ପ୍ରଭୁଙ୍କ ଅନୁକମ୍ପା ପ୍ରଭୁଙ୍କ ସାହାଯ୍ୟ ଯେ ଆମ ନିୟତ ଦେଖି ଆମକୁ ପୁରସ୍କୃତ କରିଛନ୍ତି ଏପରି ପ୍ରଭୁ ଚିନ୍ତାଗ୍ରସ୍ତ ଓ ସମସ୍ୟାରେ ଘେରି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିଥାନ୍ତି ।

ଅମୀର ସାହେବ ଇଣ୍ଡୋନେସିଆ ବର୍ଣ୍ଣନା କରନ୍ତି ଲ୍ୟାମୋଙ୍ଗ **(Lampong)** ନାମକ ଏକ ଗ୍ରାମରେ ଜଣେ ଅହେମଦୀ ମହିଳା ଶ୍ରୀମତୀ ନୂର୍ ସାହିବା ପ୍ରତିଦିନ ନିଜ ସ୍ୱାମୀଙ୍କ ସାଥିରେ ଏକ ଏଲିମେଂଟରି ସ୍କୁଲ୍‌ର ଦୋକାନରେ ସାମଗ୍ରୀ ବିକ୍ରି କରୁଥିଲେ । ସେ କୁହନ୍ତି ଏଥିରେ ବିଶେଷ କିଛି ଲାଭ ତ ହେଉନଥିଲା କିନ୍ତୁ ନିଜ ଘର ଚଳିବା ଓ ଆବଶ୍ୟକ ପୂରଣ ହେବା ସହିତ ଚାନ୍ଦା ମଧ୍ୟ ସମୟ ପୂର୍ବରୁ ପଇଠ କରିଦେଉଥିଲୁ । କିନ୍ତୁ କରୋନା ଭାଇରସ ଯୋଗୁଁ ଦୁଇମାସ ପର୍ଯ୍ୟନ୍ତ ସ୍କୁଲ୍ ବନ୍ଦ ହୋଇଗଲା ଏବଂ ତାଙ୍କ ଆମଦାନୀ ବିଲ୍‌କୁଲ୍ ବନ୍ଦ ହୋଇଗଲା । ସେ ନିଜ ଚାନ୍ଦା ଦେବାକୁ ନେଇ ଘୋର ଚିନ୍ତାରେ ପଡ଼ିଗଲେ ସେତେବେଳେ ତାଙ୍କର ମନେ ପଡ଼ିଲା ତାଙ୍କ ଓ ତାଙ୍କ ପୁତ୍ର ନିକଟରେ ଗୋଟିଏ ମନି ବକ୍ସ ଥିଲା ଯେଉଁଥିରେ ସେ ଟଙ୍କା ସଂଚୟ କରୁଥିଲେ ଏବଂ ତାହାକୁ ଭାଙ୍ଗି ତହ୍‌ରିକ୍ ଯଦିଦ୍ ଓ ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କରୁଥିଲେ । ସେ ନିଜ ସନ୍ତାନଙ୍କୁ ଚାନ୍ଦା ଦେବାର ଗୁରୁତ୍ୱ ବୁଝାଇଥିଲେ ଏବଂ ସେମାନେ ସେହିପରି କରୁଥିଲେ ଅର୍ଥାତ ମନିବକ୍ସରେ କିଛି କିଛି ଟଙ୍କା ଯମା କରୁଥିଲେ ଓ ବର୍ଷ ଶେଷ ବେଳକୁ ସେଥିରେ ଯେତେ ଟଙ୍କା ଯମା ରହୁଥିଲା ତାହା ସେ ଉକ୍ତ ପାଂଣ୍ଠିରେ ଦାନ କରିଦେଉଥିଲେ । ରମ୍‌ଜାନ୍ ମାସ ପୂର୍ବରୁ ମୋ ଘରେ ମାତ୍ର ଗୋଟିଏ ପାତ୍ର ଚାଉଳ ବାକି ରହିଯାଇଥିଲା ଯାହା ଦୁଇ ଶିଶୁଙ୍କ ପାଇଁ ଯଥେଷ୍ଟ ନଥିଲା । ସେ କୁହନ୍ତି ମୋ ପିଲାମାନଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କଲି ସେମାନେ ଭାତ ଓ ଜଳ ପାନ କରି ନାସ୍ତା କଲେ ଏବଂ ଆମକୁ କହିଲେ ତୁମେ କାହିଁକି ଆମ ସହିତ ଭାତ ଖାଉନାହ ଅଳ୍ପ ଭାତ ଥିବା ଯୋଗୁଁ ପିତାମାତା ନିଜ ପିଲାଙ୍କୁ ତାହା ଖୁଆଇ ନିଜେ ଉପାସ ରହିଲେ, ତାଙ୍କ ପ୍ରଶ୍ନର ଉତର ଆମ ନିକଟରେ କେବଳ ମୁରୁକି ହସିବା ବ୍ୟତିତ ଅନ୍ୟ କୌଣସି ଉତର ନଥିଲା । ଦ୍ୱିପ୍ରହର ସମୟ ଆସିଲା ସେତେବେଳେ ପିଲାମାନଙ୍କୁ ପୂର୍ନବାର ଭୋକ ଲାଗିଲା କିଛି ଅନ୍ନ ବର୍ତି ରହିଯାଇଥିଲା ଯାହାକୁ ମାତ୍ର ଜଣେ ଶିଶୁ ଖାଇବା ସମ୍ଭବ ଥିଲା ତେଣୁ ଅନ୍ୟ ଶିଶୁଟି ଭୋକରେ ରୋଦନ କରିବା ଆରମ୍ଭ କଲା ସେ କୁହନ୍ତି ସେତେବେଳେ ଆମ ନିକଟରେ ଦୁଆ କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନଥିଲା । ଅତଏବ ଆମେ ନମାଜ ପଢ଼ିଲୁ ଓ ବହୁତ ଦୁଆ କଲୁ କିଛି କ୍ଷଣରେ ହିଁ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ଅନୁକମ୍ପା ଲାଭ ହେଲା ଏବଂ ଜଣେ ବ୍ୟକ୍ତି ଆସିଲେ ଯାହାଙ୍କ ମକ୍କା କ୍ଷେତରେ କାମ କରିବାପାଇଁ ଶ୍ରମିକର ଆବଶ୍ୟକତା ଥିଲା । ଅତଏବ ମୋ ସ୍ୱାମୀଙ୍କୁ କାମ ମିଳିଗଲା ଏବଂ ଆମ ଆବଶ୍ୟକତା ପୂରଣ ହୋଇଗଲା ।

ହାଫିଜ୍ ଅତାଉଲ୍ ହଲିମ୍ ସାହେବ ମୂରବୀ ସିଲ୍‌ସିଲା ମାଲି ଲେଖିଛନ୍ତି: ଜଣେ ୭୦ ବର୍ଷୀୟ ବୃଦ୍ଧା ଅହେମଦୀ ଶ୍ରୀମାନ ୟାତାରା ତର୍‌ଗୁରୈ ସାହେବ ପ୍ରତ୍ୟେକ ମାସରେ ନିଜର ଚାନ୍ଦା ପଇଠ କରିଦେଉଥିଲେ, ୱସିୟତ୍ ମଧ୍ୟ କରିଛନ୍ତି ସେ ଚାନ୍ଦା ପଇଠ କରିବା ନିମନ୍ତେ ୭ କିମି କଚ୍ଚା ରାସ୍ତାରେ ସାଇକେଲରେ ଯାତ୍ରା କରି ଆସୁଥିଲେ ଏବଂ ନିଜ ଚାନ୍ଦା ପଇଠ କରିଯାଉଥିଲେ । କିଛି ଦିନ ପୂର୍ବେ ତାଙ୍କ ଜମିକୁ ନିକଟବର୍ତୀ ଗ୍ରାମର ମୂଖିଆ ନିଜ ଅଧିନ କରିନେଲା ଯଦ୍ୱାରା ସେ ନିରୂପାୟ ହୋଇ ଭାଙ୍ଗି ପଡ଼ିଲେ ସେ ମତେ ମଧ୍ୟ ପତ୍ର ଲେଖିଲେ ଓ ଦୁଆ ପାଇଁ ନିବେଦନ କଲେ ଏବଂ କିଛି ଅଧିକ ରାଶି ଚାନ୍ଦାରେ ପଇଠ କରିଗଲେ । ଅଲ୍ଲାଃଙ୍କ କୃପାରୁ ଯେଉଁ ଜଜ୍ ତାଙ୍କ ଖିଲାଫରେ ରାୟ ଦେଇଥିଲା ପୁଣି ସେହି ଜଜ୍ ତାଙ୍କ ପକ୍ଷରେ ନିଷ୍ପତି ଦେଲା । ଏପରି ତାଙ୍କ ଜମି ତାଙ୍କୁ ଫେରସ୍ତ ମିଳିଗଲା । ଯାହା ମିଳିବାର ତାଙ୍କର ସମସ୍ତ ଆଶା ମଉଳି ଯାଇଥିଲା । କାରଣ ଗ୍ରାମର ମୂଖିଆ ବେଶ୍ ବଡ଼ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲା । କେହି ଚିନ୍ତା କରିନଥିଲେ ଯେ ଜଜ୍ ଗ୍ରାମ ପ୍ରଧାନ ବିରୁଦ୍ଧରେ ନିଷ୍ପତି ଦେବ । ଅତଏବ ସଂପୃକ୍ତ ବ୍ୟକ୍ତିଜଣକ ଯୁମା ନମାଜ ପରେ କେବଳ ନିଜ ଗ୍ରାମରେ ନୁହେଁ ବରଂ ନିଜ ଅଂଚଳରେ ଉକ୍ତ ଘଟଣା ସମସ୍ତ ଲୋକମାନଙ୍କ ସମ୍ମୁଖରେ ଆଲୋଚନା କଲେ ଯଦ୍ୱାରା ଅନ୍ୟମାନେ ମଧ୍ୟ ପ୍ରଭାବିତ ହେଲେ । ଏପରି ଅଲ୍ଲାଃ ମଣିଷର ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ରୂପାନ୍ତରିତ  କରିଦେଇଥାନ୍ତି ।

ଅମୀର ସାହେବ ଫ୍ରାନ୍ସ ଲେଖିଛନ୍ତି, ଜଣେ ବନ୍ଧୁ କହିଲେ: ଚଳିତ ବର୍ଷ ମୋ ନିଜ ତହ୍‌ରିକ ଯଦିଦ୍‌ର ଚାନ୍ଦା ଗତବର୍ଷ ଅପେକ୍ଷା ଦୁଇଗୁଣ ଲେଖାଇଥିଲି କିନ୍ତୁ ଲକ୍‌ଡ଼ାଉନ୍ ଯୋଗୁଁ ଆମଦାନୀ କମିଗଲା ଏବଂ ଏହା ସମ୍ଭବ ମନେ ହେଉନଥିଲା କି ମୁଁ ନିଜ ପ୍ରତିଶୃତି ପୂରଣ କରିପାରିବି ମୁଁ କିଛି କରଜ ନେଇଥିଲି ଯାହା ପରିଶୋଧ କରିବାର ମଧ୍ୟ ଥିଲା ପୁଣି ଚାନ୍ଦା ମଧ୍ୟ ଦେବାର ଥିଲା । ତେଣୁ ମୁଁ ଏକ ଜଟିଳ ସମସ୍ୟାର ସମ୍ମୁଖିନ ହେଲି । ଦୁଆ କରିବା ବ୍ୟତିତ ଅନ୍ୟ କୌଣସି ପନ୍ଥା ଦୃଶ୍ୟମାନ ହେଉନଥିଲା । ମନରେ ଏହା ହିଁ ଥିଲା ଯାହା ଆମଦାନୀ କରିବି ତେବେ ସେଥିରୁ ଖାଏ ଅବା ଉପାସ ରୁହେ ନିଜ ପ୍ରତିଶୃତିକୁ ନିଶ୍ଚିତରୂପେ ପୂରଣ କରିବି । ସେ କୁହନ୍ତି ଅଲ୍ଲାଃ ତାଲାଙ୍କ କୃପାରୁ ସେହି ସପ୍ତାହରେ ମୋ ମାଲିକ ତରଫରୁ ଠିକ୍ ମୋ ପ୍ରତିଶୃତି ଚାନ୍ଦା ରାଶି ଏକ ହଜାର ୟୁରୋ ବୋନସ୍ ମିଳିଗଲା । ସେ କୁହନ୍ତି ଏହା କେବଳ ମୋ ପ୍ରଭୁଙ୍କ ମୋ ପ୍ରତି ଅନୁଗ୍ରହ ଥିଲା ଯାହା ମତେ ପ୍ରାପ୍ତ ହେଲା । ନଚେତ ମୁଁ ଚିନ୍ତା ଚେତନାରେ ମଧ୍ୟ ଏପରି ରାଶି ମୋ ମାଲିକଙ୍କ ତରଫରୁ ବୋନସ୍ ଆକାରେ ମିଳିବାର କୌଣସି ଆଶା ରଖିନଥିଲି ।

ଲକ୍‌ଡ଼ାଉନ୍‌ର ଚର୍ଚ୍ଚା ହେଲା ତ ଏକଥା କହିଦିଏ ଯେ ଆଜିଠାରୁ ଏଠାରେ ପୂର୍ନବାର ଲକ୍‌ଡ଼ାଉନ୍‌ର ପ୍ରକ୍ରିୟା ଆରମ୍ଭ ହେଉଅଛି ଯାହାକି ଚାରିସପ୍ତାହ ପର୍ଯ୍ୟନ୍ତ ଅଭ୍ୟାହତ ରହିବ । ଆଜି ମସ୍‌ଜିଦ୍‌ରେ ମୋ ସମ୍ମୁଖରେ ମୁଅଜିନ୍ ବ୍ୟତିତ ଅନ୍ୟ କେହିନାହାନ୍ତି । କାରଣ ସେମାନେ ଏହି ସର୍ତରେ ଖୁତ୍‌ବା ଦେବାପାଇଁ ଅନୁମତି ପ୍ରଦାନ କରିଛନ୍ତି ।

କାନାଡ଼ାରୁ ଜଣେ ଅହେମଦୀ ମତେ ପତ୍ର ଲେଖିଲେ କି ମୋ ନାମ ଅପ୍ରକାଶିତ ରଖିବେ ଯଦି କୌଣସି ସ୍ଥଳେ ପ୍ରକାଶ କରିବାକୁ ପଡ଼େ ତେବେ କହିଦେବେ କି ଇସ୍‌ଲାମାବାଦ୍‌ର ଯମାତ୍‌ର ନୂତନ କେନ୍ଦ୍ର ସ୍ଥାପନ ହେବା ଖୁସିରେ ତହ୍‌ରିକ୍ ଯଦିଦ୍ ପାଂଠିରେ ମୁଁ ୫ ହଜାର କାନାଡ଼ିଆନ୍ ରାଶି ପଇଠ କରିବାର ଗତବର୍ଷ ପ୍ରତିଜ୍ଞା କରିଥିଲି ସେହି ପ୍ରତିଜ୍ଞା ରକ୍ଷାକରି ଏହି ରାଶି ପଇଠ କରୁଅଛି । ସେ କୁହନ୍ତି ବର୍ତମାନ ମୋର ଆମଦାନୀ ମାସିକ ୪ ହଜାର ଡ଼ଲାର ଅଟେ କିନ୍ତୁ ମୋର ଅବସ୍ଥା ଆହୁରି ସ୍ୱଚ୍ଛଳ ଥିଲା କିଛି ମାସ ପୂର୍ବରୁ ମୁଁ ଏକ ଗାଡ଼ି କିଣିଲି ଏବଂ ମତେ ଏକ ଭଲ ସ୍ଥାନରେ ଚାକିରି ମଧ୍ୟ ମିଳିଗଲା । ବେଶ୍ ଭଲ ଆମଦାନୀ ସତ୍ୱେ ମୋର ଅବସ୍ଥା ସୁଖ ମୟ ନଥିଲା । ଆଶା ନଥିଲା ଯେ ମୁଁ ନିଜ ଧାର୍ଯ୍ୟ ଚାନ୍ଦା ପୂରଣ କରିପାରିବ କାରଣ ମୁଁ ନିଜ ପରିବାର ବର୍ଗଙ୍କ ନିକଟକୁ ମଧ୍ୟ ପ୍ରତିମାସରେ କିଛି ରାଶି ପ୍ରେରଣ କରିଦେଉଥିଲି ଏବଂ ପ୍ରତିଦିନ ଦୂଆ କରୁଥିଲି କି ପ୍ରଭୁ ମତେ ମୋର ଚାନ୍ଦା ସମ୍ପୁର୍ଣ୍ଣରୂପେ ପଇଠ କରିବାକୁ ଶକ୍ତି ପ୍ରଦାନ କର । ସେ କୁହନ୍ତି ୨୦୨୦ ମସିହାରେ ମୋର ଏକ ଦୁର୍ଘଟଣା ମଧ୍ୟ ଘଟିଲା ଯାହା ଫଳରେ ମୁଁ ଏକମାସ ପର୍ଯ୍ୟନ୍ତ କାମ କରିପାରିଲିନାହିଁ ଏବଂ ନିଜ ଖର୍ଚ୍ଚ ବହନ କରିବା ପାଇଁ ମତେ କରଜ ନେବାକୁ ପଡ଼ିଥିଲା ପୁଣି କରୋନା ଯୋଗୁଁ ଆର୍ଥିକ ଅବସ୍ଥା ଆହୁରି ଖରାପ ହୋଇଗଲା ଏପରି କି ଦୁହେଁ ପତିପତ୍ନୀ ସସ୍ତା ଖାଦ୍ୟ ଖାଇବାପାଇଁ ବାଧ୍ୟ ହେଲୁ । ମୋର ଲକ୍ଷ୍ୟ ଥିଲା କି ରମ୍‌ଜାନ୍‌ରେ ହିଁ ନିଜର ସମ୍ପୁର୍ଣ୍ଣ ଚାନ୍ଦା ପଇଠ କରିଦେବି କିନ୍ତୁ ତାହା ମତେ ସ୍ୱପ୍ନ ପରି ମନେ ହେଉଥିଲା କି ଏଭଳି ଅବସ୍ଥାରେ ତାହା କିଭଳି ବାସ୍ତବରେ ପୂରଣ ହେବ । ସେ କୁହନ୍ତି ତା'ପରେ ମୁଁ ଟ୍ୟାକ୍ସି ଚଳାଇବା କାମ ଛାଡ଼ି ଖାଦ୍ୟ ଡ଼େଲିଭରି କରିବା କାମ ଆରମ୍ଭ କରିଦେଲି ଅଲ୍ଲାଃଙ୍କ କୃପାରୁ ଆମ ଅବସ୍ଥା ବଦଳିଗଲା ଏବଂ ମୁଁ ପୂର୍ନବାର ମନ ବାନ୍ଧିଲି ଯେ ରମ୍‌ଜାନ୍ ମାସ ଶେଷ ହେବା ପୂର୍ବରୁ ନିଜ ଧାର୍ଯ୍ୟ ଚାନ୍ଦା ପଇଠ କରିଦେବି ଯଦ୍ୱାରା ଖଲିଫାଙ୍କ ଦୁଆ ଲାଭକାରୀଙ୍କ ମଧ୍ୟରେ ସାମିଲ ହୋଇଯିବି । ନିଜ କାମର ସମୟ ବଢ଼ାଇ ଦିନକୁ ୧୧ ରୁ ୧୨ ଘଂଟା କରିଦେଲି । ଏତଦ୍‌ଦ୍ୱାରା ଏଭଳି ଏଭଳି ସ୍ଥାନରୁ ଆମଦାନୀ ହେଲା ଯେ ମତେ ଏହାର ଆଶା ନଥିଲା ଏବଂ ମୋର ଆମଦାନୀ ମାସିକ ୯ ହଜାର ଡ଼ଲାର ହୋଇଗଲା । ଏପରି ଅଲ୍ଲାଃଙ୍କ କୃପାରୁ ରମ୍‌ଜାନ୍ ମାସ ଆରମ୍ଭ ହେବାର ଦଶଦିନ ପୂର୍ବରୁ ମୁଁ ନିଜର ସମ୍ପୁର୍ଣ୍ଣ ଚାନ୍ଦା ପଇଠ କରିଦେଲି । ସେ ଲେଖିଛନ୍ତି ମୋର ବିଶ୍ୱାସ ଯଦି ମୋର ଧାର୍ଯ୍ୟ ଚାନ୍ଦା ତିନିଗୁଣ ଅଧିକ ହୋଇଥାନ୍ତା ତେବ ସୁଦ୍ଧା ବର୍ଷ ଶେଷ ହେବାପୂର୍ବରୁ ମୁଁ ନିଜ ପ୍ରତିଶୃତି ନିଶ୍ଚିତରୂପେ ପୂରଣ କରିଦେଇଥାନ୍ତି । ହଜୁର କହିଲେ ସେ ନିଜ ଗରୀବ ପରିବାରଜନଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରୁଛନ୍ତି ।

ସେରେଲିଓନ୍ ର ଅମୀର ସାହେବ ଲେଖିଛନ୍ତି ସେଠାକାର ଜଣେ ନିବାସୀ ଶ୍ରୀମାନ ଉସ୍‌ମାନ ସାହେବ୍ ଫ୍ରିଟାଉନ୍‌ର ଇମାମ୍ ଭାବରେ ମୁତୟନ ଅଛନ୍ତି । ସେ କୁହନ୍ତି ଏମିତି ତ ଆମେ ପ୍ରତିବର୍ଷ ତହ୍‌ରିକ୍ ଯଦିଦ୍ ଚାନ୍ଦା ଧାର୍ଯ୍ୟ ସମୟ ପୂର୍ବରୁ ପଇଠ କରିଦେଉଥାଉ କିନ୍ତୁ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଚଳିତ ବର୍ଷ ମନରେ ଖିଆଲ୍ ଆସିଲା କି ଆମେ ଯେତେ ଟଙ୍କା ଚାନ୍ଦା ଦେଉଛେ ତାହା ଖୁବ୍ ସ୍ୱଳ୍ପ । ସେ କୁହନ୍ତି ଯେହେତୁ ମୋର କୌଣସି ରୋଜଗାର ନଥିଲା ମାତ୍ର ଗୋଟିଏ ଛୋଟ ଦୋକାନ ଥିଲା ଯାହାକୁ ମୁଁ ଓ ମୋ ପତ୍ନୀ ଚଳାଉଥିଲୁ ସେଥିରୁ ସେମିତି ବିଶେଷ କିଛି ଆମଦାନୀ ମଧ୍ୟ ନଥିଲା । କେବଳ କଷ୍ଟେମଷ୍ଟେ ଘର ଚଳିଯାଉଥିଲା । ଇତିମଧ୍ୟରେ ବାରମ୍ବାର ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ଦେବାର ଘୋଷଣା ଶୁଣିବାକୁ ପାଇଲୁ । ମୋ ପତ୍ନୀ ମତେ କହିଲେ, ଗୋଟିଏ କ୍ୟାସବକ୍ସ କରିବା ଏବଂ ପ୍ରତିଦିନ ସେହି ବକ୍ସରେ କିଛି ଟଙ୍କା ଜମା କରିବା । ଅକ୍ଟୋବର ମାସର ଶେଷରେ ସେଥିରେ ଯେତେ ଟଙ୍କା ଜମା ଥିବ ତାହାକୁ ତହ୍‌ରିକ୍ ଯଦିଦ୍‌ରେ ପଇଠ କରିଦେବା । ଗତବର୍ଷ ପୂର୍ବରୁ ଆମେ କଦାପି କୋଡ଼ିଏ ହଜାର ଲିଓନ୍ ଚାନ୍ଦା ଦେଇନଥିଲୁ କିନ୍ତୁ ଚଳିତ ବର୍ଷ ଅଲ୍ଲାଃଙ୍କ କୃପାରୁ ଆମେ ଦୁଇଲକ୍ଷରୁ ଅଧିକ ରାଶି ତହ୍‌ରିକ୍ ଯଦିଦ୍‌ରେ ଚାନ୍ଦା ଦେଲୁ ମୋର ଆଉ ଦୁଇ ଭାଇ ମଧ୍ୟ ଏହି ଉପାୟ ଅବଲମ୍ବନ କଲେ ଏବଂ ସେମାନେ ମଧ୍ୟ ଏକ ଲକ୍ଷ୍ୟ ତିରିଶି ହଜାର ଲିଓନ୍ ତହ୍‌ରିକ୍ ଯଦିଦ୍‌ରେ ପଇଠ କଲେ । ସେ କୁହନ୍ତି ମୋର ପତ୍ନୀ ଏଥିରେ ବହୁତ ଆନନ୍ଦିତ ଯେ ଅଲ୍ଲାଃ ତାଲା ଏହି ବର୍ଷ ଆମକୁ ବେଶ୍ ଭଲ ଅଙ୍କର ଚାନ୍ଦା ପଇଠ କରିବାକୁ ଶକ୍ତି ପ୍ରଦାନ କଲେ । ଏତଦ୍‌ଦ୍ୱାରା ଆମ ବଳିଦାନର ସ୍ତର ମଧ୍ୟ ଊର୍ଦ୍ଧ୍ୱଗାମୀ ହୋଇଛି ଏବଂ ପ୍ରଭୁଙ୍କ କୃପାରୁ ଆମ ଆମଦାନୀ ମଧ୍ୟ ବେଶ୍ ବଢ଼ିଯାଇଛି । ଆମେମାନେ ପ୍ରଭୁଙ୍କ ପ୍ରଦତ୍ତ ଏହି ଶୈଳୀରେ ଚାନ୍ଦା ଦେବାକୁ ଅଭ୍ୟାହତ ରଖିବୁ ।

ମାର୍ସଲ ଆଇଲାଣ୍ଡ ନାମକ ଆଉ ଏକ ଦ୍ୱୀପ ରହିଛି ଯାହାକି ଆମେରିକାଠାରୁ ଖୁବ୍ ଦୁରରେ ସେଠାକାର ମୁବ୍‌ଲିଗ୍ ସାଜିଦ୍ ଇକ୍‌ବାଲ୍ ସାହେବ ଲେଖିଛନ୍ତି ସେଠିକାର ଜଣେ ନାଶିର୍ ଶ୍ରୀମାନ କୋଇଶି ରାକିନ୍ (Koishi Rakin) ସାହେବ ଚଳିତ ବର୍ଷ ତହ୍‌ରିକ୍ ଜଦିଦ୍‌ରେ ଓ୍ୱାଦା ଲେଖାଇଥିଲେ । କଓଶି ସାହେବ କୁହନ୍ତି ମୋ ନିକଟରେ ରୋଜଗାର ତ କୌଣସି ପନ୍ଥା ନଥିଲା ନା ମୋର ରହିବାକୁ ଘର ଥିଲା ମୋର ଖିଆପିଆ ପାଇଁ ମଧ୍ୟ ଯମାତ୍‌ର ଲଙ୍ଗରଖାନା ଉପରେ ମତେ ନିର୍ଭର କରିବାକୁ ପଡୁଥିଲା । ଏଥିରେ ତାଙ୍କୁ ଆମେ ରହିବାପାଇଁ ମସ୍‌ଜିଦ୍‌ରେ ସ୍ଥାନ ଦେଲୁ ଏବଂ କହିଲୁ, ସାମାନ୍ୟତମ ରାଶି ହେଉପଛେ ତହ୍‌ରିକ୍ ଯଦିଦ୍‌ର ପାଂଠିରେ ଚାନ୍ଦା ଲେଖାଇ ଦିଅନ୍ତୁ ଆଉ ଦୁଆ କରନ୍ତୁ ଅଲ୍ଲାଃ ତାଲା ଆପଣଙ୍କୁ ସହାୟ ହେବେ । ଆପଣଙ୍କ ଉପରେ ଅନୁକମ୍ପା ପ୍ରଦାନ କରିବେ । ଏଥିରେ ସେ ଦୁଇ ଆମେରିକାନ୍ ଡ଼ଲାର୍ ଦେବାର ଓ୍ୱାଦା ଲେଖାଇ ଦେଲେ କିଛି ମାସ ପରେ ସେ ମିଶନ୍ ହାଉସ୍ ଆସିଲେ ୫୦ ଡ଼ଲାର ତହ୍‌ରିକ୍ ଯଦିଦ୍‌ରେ ପଇଠ କରିଦେଲେ । ସେ କହିଲେ, ପ୍ରଭୁ ମୋର ଦୁଆ ସ୍ୱୀକାର କରିଛନ୍ତି ମତେ ରୋଜଗାର ମିଳିଯାଇଛି ଏବଂ ରହିବାପାଇଁ ଆପାର୍ଟମେଂଟରେ ଗୋଟିଏ ଘର ମଧ୍ୟ ମିଳିଯାଇଛି ଏବଂ ନିଜ ଖାଇବା ପିଇବାର ବ୍ୟବସ୍ଥା ମୁଁ ସ୍ୱୟମ କରୁଛି ବର୍ତମାନ ମୁଁ ସ୍ୱାବଲମ୍ବୀ ହୋଇଯାଇଛି । ଦେଖ ପ୍ରଭୁ କିଭଳି ଲୋକମାନଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛନ୍ତି । ନିଜ ଅନୁକମ୍ପା ପ୍ରଦାନ କରୁଛନ୍ତି ଯାହା ଦେଖି ଆମ ମୁବ୍‌ଲିଗ୍ ମଧ୍ୟ ଆଚମ୍ବିତ, ଆଶ୍ଚର୍ଯ୍ୟଚକିତ ।

ଅମୀର ଯମାତ୍ ଗାମ୍ବିୟା ଲେଖିଛନ୍ତି ବଶେରେ ତହ୍‌ରିକ୍ ଯଦିଦ୍ ପରପ୍ରେକ୍ଷୀରେ ଗୋଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଗଲା ଏବଂ ନିଜ ନିଜ ପ୍ରତିଶୃତି ମୁତାବକ ଚାନ୍ଦା ଦେବାକୁ ଲୋକମାନଙ୍କ ଧ୍ୟାନ ଆକର୍ଷିତ କରାଗଲା । ସେଠାରେ ଶ୍ରୀମାନ ମୁସା ସାହେବ୍ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ନିକଟରେ ଚାନ୍ଦା ଦେବାକୁ କୌଣସି ରାଶି ନଥିଲା ଟଙ୍କାଟିଏ ହେଲେ ମଧ୍ୟ ନଥିଲା । ସେ ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ଥିଲେ ଏବଂ ତହ୍‌ଯୁଦ୍‌ରେ ଉଠି ଉଠି ପ୍ରଭୁଙ୍କ ସମୀପରେ ତାଙ୍କ କୃପା ଭିକ୍ଷା କରୁଥିଲେ କି ସେ ମଧ୍ୟ ପ୍ରଭୁଙ୍କ ମାର୍ଗରେ ଅର୍ଥଦାନକାରୀଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ହୋଇଯାଆନ୍ତେ । ଅତଏବ ତାଙ୍କ ମନସ୍କାମନା ପୂରଣ ହେଲା ମାତ୍ର କିଛି ଦିନ ଅତିବାହିତ ହୋଇଥିବ କି ନାହିଁ ସେ ଯେଉଁ କମ୍ପାନୀ ସହିତ କଂଟ୍ରାକ୍ଟରେ କାମ କରୁଥିଲେ ସେମାନେ କହିଲେ କି ଉକ୍ତ ସ୍ଥାନ ବଶେରେ ସେମାନେ ଗୋଟିଏ ପ୍ରୋଗ୍ରାମ କରୁଛନ୍ତି ଏବଂ ସେଥିରେ ତାଙ୍କୁ ସେମାନେ ନିମନ୍ତ୍ରଣ ଦେଇ ଡ଼କାଇଥିଲେ ଏବଂ ଚାରିହଜାର ଡ଼ଲାସି ପାରିଶ୍ରମିକ ଦେଇଥିଲେ । ଏଥିରେ ସେ ନିଜ ଚାନ୍ଦାର ଓ୍ୱାଦା ବଢ଼ାଇ ଦୁଇହଜାର ଡ଼ଲାସି କରିଦେଲେ ଏତଦ୍‌ଦ୍ୱାରା ପ୍ରଭୁ ତାଙ୍କ ଆମଦାନୀରେ ଆହୁରି ଅନେକ ମାଧ୍ୟମ ଖୋଲିଦେଲେ । ବର୍ତମାନ ସେ ଅନ୍ୟ ଅହେମଦୀମାନଙ୍କୁ ତହ୍‌ରିକେ ଯଦିଦ୍‌ର ଗୁରୁତ୍ୱ ଓ ଅର୍ଥଦାନ କରିବାକୁ ପ୍ରୋତ୍ସାହିତ କରୁଛନ୍ତି ।

ତଲ୍‌ହା ଅଲୀ ସାହେବ ଫିଲିପାଇନ୍‌ସର ସଦର ଯମାତ୍ ଓ ସେଠାକାର ମୁରବୀ ମଧ୍ୟ ଅଟନ୍ତି । ସେ କୁହନ୍ତି: ଫିଲିପାଇନ୍‌ର ଏକ ପୁରାତନ ଯମାତ୍ ସିମାନୁଲ୍ ଅଟେ, ସେଠାକାର ଅଧିକାଂଶ ଅଧିବାସୀ ଶିକ୍ଷାଦାନ କରିବା ବୃତିରେ ନିୟୋଜିତ । ସେହି ଯମାତ୍‌ର ସଦର ସାହେବ ନିଜ ଟାର୍ଗେଟଠାରୁ ଅଧିକ ଚାନ୍ଦା ଆଦାୟ କରିବାପରେ ମତେ ମେସେଜ୍ କରି କହିଲେ ଯେ, ତିନିଜଣ ଶିକ୍ଷକଙ୍କୁ ବିଶେଷ ଭାବରେ ନିଜ ଦୁଆରେ ମନେ ରଖିବେ କାରଣ ସେମାନେ ମାର୍ଚ୍ଚ ମାସରୁ ଦରମା ପାଇନଥିଲେ ତଥାପି ସେମାନେ ତହ୍‌ରିକେ ଯଦିଦ୍‌ରେ ବଢ଼ିଚଢ଼ି ଭାଗ ନେଲେ । ଦେଖ ଦୁରଦୁରାନ୍ତରେ ବସି ରହିଥିବା ଏହି ନବାଗତ ଅହେମଦୀ କିଭଳି ଆଗକୁ ବଢ଼ି ଅର୍ଥ ଦାନ କରୁଛନ୍ତି ଅଲ୍ଲାଃ ତାଲାଙ୍କ ପ୍ରତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଅର୍ଥଦାନ କରୁଛନ୍ତି ।

କବାବିର୍‌ରୁ ଆମ ମୁବ୍‌ଲ୍ଲିଗ୍ ସମ୍‌ସୁଦ୍ଦିନ୍ ସାହେବ ଲେଖିଛନ୍ତି ଫିଲିସ୍ତିନ୍‌ର ଗୋଟିଏ ନୂତନ ଯମାତ୍ ଅଲ୍‌ଖଲିଲ୍ ଅଟେ । ସେଠାକାର ଯମାତ୍‌ର ଅଧିକାଂଶ ଲୋକମାନଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୂର୍ବଳ ତଥାପି ସେମାନେ ସଭିଏଁ ଅଲ୍ଲାଃଙ୍କ କୃପାରୁ ତହ୍‌ରିକ୍ ଯଦିଦ୍‌ରେ ଭାଗ ନେଲେ । ସେଠାକାର ଜଣେ ଅହେମଦୀ ଇବ୍ରାହିମ୍ ସାହେବ୍ ଯିଏ କି ନବାଗତ ଅହେମଦୀ ଅଟନ୍ତି । ବୟତ କରିବା ପରଠାରୁ ସେ ଅର୍ଥଦାନରେ ବେଶ୍ ବଢ଼ିଚଢ଼ି ଭାଗ ନିଅନ୍ତି । ଏଥିରେ ମଧ୍ୟ ସେ ତହ୍‌ରିକ୍ ଯଦିଦ୍‌ର ପାଣ୍ଠିରେ ଏକ ମୋଟା ଅଙ୍କର ଅର୍ଥଦାନ କରିଥିଲେ । ସେ କୁହନ୍ତି ଜଣେ ବନ୍ଧୁ ମୋ ଠାରୁ କିଛି କରଜ ନେଇଥିଲେ ଯେ, କୌଣସି କାରଣ ବଶତଃ କରଜ ପରିଶୋଧ କରିପାରିଲେନାହିଁ । ଦୀର୍ଘ ସମୟ ପ୍ରତିକ୍ଷା ପରେ ଉକ୍ତ ରାଶି ସେ ଫେରସ୍ତ ପାଇଲେନାହିଁ ଏବଂ ତାହା ପାଇବାର ମଧ୍ୟ ସମସ୍ତ ଆଶା ତାଙ୍କର ମଉଳିଗଲା । ତେବେ ସେ ଯାହା ହେଉ ନା କାହିଁକି ସେ ଅନ୍ୟ ବ୍ୟବସ୍ଥା କରି ନିଜ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ପଇଠ କରିଦେଲେ । ଏଥିରେ ଅମୀର ସାହେବ ତାଙ୍କୁ କହିଲେ ଆପଣ ତ ଚାନ୍ଦା ଅଲ୍ଲାଃ ତାଲାଙ୍କ ମାର୍ଗରେ ପଇଠ କରିସାରିଛନ୍ତି ଏବେ ଦେଖନ୍ତୁ ପ୍ରଭୁ କିଭଳି ତାହାର ବିଭୁତି ପ୍ରଦାନ କରୁଛନ୍ତି ସେ କୁହନ୍ତି ଅମୀର ସାହେବ୍ ସେଠାରୁ ବାହାରି ଯିବାର କିଛିକ୍ଷଣ ପରେ ସେହି କରଜଭୁକ୍ତ ଜଣକ ମୋ ପ୍ରଦତ୍ତ କରଜରାଶି ମତେ ଫେରସ୍ତ କରିଦେଲେ ଏପରି ମୋର ସମସ୍ତ ସମସ୍ୟା ଦୂର ହୋଇଗଲା ।

ଓ୍ୱିଜ୍‌ବାଡ଼େନ୍ (Wiesbaden) ଜର୍ମାନୀରୁ ଜଣେ ବନ୍ଧୁ ଆମ ତହ୍‌ରିକେ୍ ଯଦିଦ୍ କାର୍ଯ୍ୟାଳୟକୁ ଆସିଲେ ଏବଂ କହିଲେ ମୋର ଆଶାଇଲମ୍ (Asylum)ର କେସ୍ ଚାଲିଛି ତାହା ବିଚାରଧିନ ରହିଛି । ସେହି ଜଜ୍ କେସ୍ ମଞ୍ଜୁର କରୁନାହାନ୍ତି ତହ୍‌ରିକେ ଯଦିଦ୍ ମାଧ୍ୟମରୁ କେତେକ କାର୍ଯ୍ୟକ୍ରମର ବିଶ୍ୱାସବର୍ଦ୍ଧକ ଘଟଣା ଶୁଣିଲି ଏହା ଶୁଣି ମୁଁ ଏହା ଇଚ୍ଛା ପ୍ରକାଶ କଲି ଯେ, ମୁଁ ହଜାର ୟୁରୋ ତହ୍‌ରିକେ ଯଦିଦ୍‌ରେ ଚାନ୍ଦା ପଇଠ କରିଦେବି । ଭାଗ୍ୟବଶତଃ ମୋର କେସ୍‌ଟି ସେହି ଜଜ୍ ଅଧିନରୁ ଅନ୍ୟ ଏକ ଜଜ୍ ଅଧିନକୁ ସ୍ଥାନାନ୍ତରିତ ହୋଇଗଲା ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ କେସ୍‌ଟି ମଞ୍ଜୁର ହୋଇଗଲା । ବତର୍ମାନ ଅଲ୍ଲାଃ ତାଲାଙ୍କ ସହିତ କରିଥିବା ପ୍ରତିଜ୍ଞାକୁ ପୂରଣ କରିବାକୁ ଆସିଛି । ସୁତରାଂ ସେ ନିଜର ଚାନ୍ଦା ନିଜ ପ୍ରତିଶୃତି ମୁତାବକ ପଇଠ କରିଦେଲେ ।

ୟୁକେ ର ସେକ୍ରେଟରୀ ତହ୍‌ରିକେ ଯଦିଦ୍ କୁହନ୍ତି ବ୍ରିଟେନ୍ ଯମାତ୍‌ର ଜଣେ ବନ୍ଧୁ ବେରୋଜଗାର ଥିଲେ । ତହ୍‌ରିକେ ଯଦିଦ୍‌ର ଚାନ୍ଦା ପଇଠ କରିବାପରେ ପରବର୍ତୀ ଦିନ ତାଙ୍କୁ ଏକ ସାନ୍ତ୍ୱନା ମୂଳକ କାମ ମିଳିଗଲା । ବ୍ରିଟେନ୍ ଯମାତ୍‌ର ଆଉ ଜଣେ ବନ୍ଧୁଙ୍କୁ ଆର୍ଥିକ ସମସ୍ୟା ଲାଗି ରହିଥିଲା ଏହା ସତ୍ତ୍ୱେ ସେ ନିଜର ତହ୍‌ରିକେ ଯଦିଦ୍‌ର ଚାନ୍ଦା ପଇଠ କରିଦେଲେ । ସୁତରାଂ କିଛି ଅବଧି ପରେ ତାଙ୍କୁ HMRC ଟ୍ୟାକ୍ସ ଡ଼ିର୍ପାଟମେଂଟରୁ ଏକ ପତ୍ର ହସ୍ତଗତ ହେଲା କି ତୁମର ପୂର୍ବବର୍ଷ ଅଧିକ ଟ୍ୟାକ୍ସ ପଇଠ ହୋଇଥିଲା । ଉକ୍ତ ଅର୍ଥରାଶି ଚାନ୍ଦାର ଅର୍ଥରାଶିଠାରୁ ଅଧିକ ଥିଲା । ଜଣେ ପ୍ରଫେସନାଲ୍ ବନ୍ଧୁଙ୍କୁ ତାଙ୍କ କାମରେ କୌଣସି ସମସ୍ୟା ରହିଥିଲା କୌଣସି ବ୍ୟକ୍ତି ତାଙ୍କ ବିରୁଦ୍ଧରେ ଅଯଥା ଅଭିଯୋଗ କରିଦେଇଥିଲେ । ସେ ନିଜର ତହ୍‌ରିକେ ଯଦିଦ୍‌ର ଚାନ୍ଦା ପଇଠ କରିଦେଲେ ଏବଂ ସେହି ବ୍ୟକ୍ତି ଯିଏ ଅଭିଯୋଗ କରିଥିଲା ତାହାକୁ ନିଲମ୍ବିତ କରିଦିଆଗଲା । ସୁତରାଂ ଓଲଟା ଅଭିଯୋଗକାରୀଙ୍କୁ ହିଁ ନିଲମ୍ବନର ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ଜଣେ ବ୍ୟକ୍ତିର କାର୍ ଏକ ଗର୍ତରେ ମଧ୍ୟରେ ଖସି ପଡ଼ିଥିଲା ସେ ଭାବିଲା ଯେ ଯଦି ମୋର ଉକ୍ତ କାର୍‌ଟି ସକୁଶଳେ ବାହାରକୁ ଚାଲିଆସେ ତାହେଲେ ମୁଁ ଅଧିକ ଅର୍ଥ ତହ୍‌ରିକେ ଯଦିଦ୍‌ର ପାଣ୍ଠିରେ ପଇଠ କରିଦେବି । ସୁତରାଂ ଗାଡ଼ିଟି ବିନା କୌଣସି କ୍ଷତିରେ ବାହାରକୁ ବାହାରି ଆସିଲା । ସେ ଗୋଟିଏ ସପ୍ତାହର ଆୟ ଅନୁଯାୟୀ ତହ୍‌ରିକେ ଯଦିଦ୍‌ରେ ପଇଠ କରିଦେଲେ । ଜଣେ ନାବାଳକ ନିଜର ଛଅମାସର ପକେଟ ଖର୍ଚ୍ଚକୁ ତହ୍‌ରିକେ ଯଦିଦ୍‌ର ଚାନ୍ଦାରେ ପଇଠ କରିଦେଲେ । ପିଲାମାନେ ମଧ୍ୟ ଆର୍ଥିକ ବଳିଦାନ କରିବା କ୍ଷେତ୍ରରେ ବେଶ୍ ଉଦ୍ୟମ କରୁଛନ୍ତି । ଜଣେ ସେବକ ଛୁଟିରେ ଯିବାପାଇଁ ପଇସା ସଂଚୟ କରି ରଖିଥିଲେ ସେ ନିଜର ଉକ୍ତ ସମସ୍ତ ସଂଚିତ ଅର୍ଥକୁ ତହ୍‌ରିକେ ଯଦିଦ୍‌ର ପାଣ୍ଠିରେ ଦାନ କରିଦେଲେ ।

ବାର୍କିଙ୍ଗ୍ ଏବଂ ଡ଼େଗେନ୍‌ହାମ୍ (Barking & Degenham)ର ସଦର ଯମାତ୍ କୁହନ୍ତି ଆମ ପକେଟ୍‌ରୁ ଅଧିକ ଚାନ୍ଦା ଦେବାକୁ ପଡୁ ପଛେ କିନ୍ତୁ ଏଥର ଆମେ ତହ୍‌ରିକେ ଯଦିଦ୍‌ର ଟାର୍ଗେଟକୁ ନିଶ୍ଚିତରୂପେ ପୂରଣ କରିବାକୁ ଚେଷ୍ଟା କରିବା ସୁତରାଂ ଯେଉଁ ଟାର୍ଗେଟ କମ୍ ରହିଯାଉଥିଲା ତାହାକୁ ସେ ସ୍ୱୟମ ପଇଠ କରିଦେଇଥିଲେ ଏହାପରେ ତାଙ୍କୁ ନିଜ କାର୍ଯ୍ୟାଳୟ ପକ୍ଷରୁ ସୁଚନା ମିଳିଲା ଯେ ତାଙ୍କୁ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ୭୦ ପ୍ରତିଶତ ଅଧିକ ବୋନସ ମିଳିଛି । ଯାହାକୁ ସେ ବର୍ଦ୍ଧିତ ସ୍ୱରୁପ ଚାନ୍ଦାରେ ପଇଠ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

କରିଦେଇଥିଲେ ।

କାଜାଗିସ୍ତାନ୍‌ର ଲେନାର୍ ଅବ୍‌ଦୁର୍ ରହ୍‌ମାନ୍ ସାହେବ କୁହନ୍ତି: ମୁଁ ନିୟମିତ ଭାବରେ ସାଧାରଣ ଚାନ୍ଦା ଜଲ୍‌ସା ସାଲାନା, ତହ୍‌ରିକେ ଯଦିଦ୍, ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କରିଥାଏ । ବିଭିନ୍ନ ଜାତିର ବିଭିନ୍ନ ଲୋକମାନେ ରହିଛନ୍ତି ଏବଂ ଏ ହେଉଛନ୍ତି ସେହି ଚାନ୍ଦାର ବର୍‌କତ୍ ଯେ ମୋର ସ୍ତ୍ରୀ ମେଡ଼ିକାଲ ଶିକ୍ଷା ସମାପ୍ତ କରିବାପରେ ଦେଶର କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟମିଶନରେ ଚାକିରି ପ୍ରାପ୍ତ କଲେ ଏବଂ ସରକାର ପିଲାମାନଙ୍କର ରହଣୀ ପାଇଁ ଋଣ ମଧ୍ୟ ପ୍ରଦାନ କଲେ ଏବଂ ପିଲାମାନେ ନର୍ସରୀରେ ପାଠ ପଢୁଛନ୍ତି । ବର୍ତମାନ ଆର୍ଥିକ ଅବସ୍ଥା ପୂର୍ବାପେକ୍ଷା ବେଶ୍ ସ୍ୱଚ୍ଛଳ ରହିଛି ମୋ ନିକଟରେ ଦୁଇଟି ଗାଡ଼ି ରହିଛି ଏବଂ ବର୍ତମାନ ମୁଁ ନିଜର ବ୍ୟକ୍ତିଗତ ନିବାସଟିଏ ମଧ୍ୟ ନିର୍ମାଣ କରିବାକୁ ଯାଉଛି । ଏ ସବୁ ଅଲ୍ଲାଃ ତାଲାଙ୍କ ଚାନ୍ଦା ପଇଠ କରିବାର କଲ୍ୟାଣ ଅଟେ । ଆମେମାନେ ପୂର୍ବେ ଯେଉଁ ଫ୍ଲାଟ୍‌ରେ ରହୁଥିଲୁ ଏବଂ ଯେଭଳି ଆମର ଆର୍ଥିକ ସମସ୍ୟା ଲାଗି ରହିଥିଲା ବର୍ତମାନ ସେ ସମସ୍ତ ସମସ୍ୟା ସମାଧାନ ହୋଇଯାଇଛି ଏବଂ ଏ ସବୁ ଚାନ୍ଦା ଦେବା ଯୋଗୁଁ ସମ୍ଭବ ହୋଇପାରିଛି ଯାହାକି ପରମେଶ୍ୱର ନିଜର କଲ୍ୟାଣ ଏବଂ ଆଶିଷ ଆମ ଉପରେ ଅବତୀର୍ଣ୍ଣ କରିଛନ୍ତି ।

ଗିନିବସାଉର ମୁହମ୍ମଦ ହୈସନ୍ ନାମକ ଜଣେ ବୟସ୍କ ବ୍ୟକ୍ତି ଉଲ୍ଲେଖ କରନ୍ତି, ମୁହମ୍ମଦ ଇବ୍ରାହିମ୍ ନାମକ ଜଣେ ବ୍ୟକ୍ତି କୁହନ୍ତି ଯେତେବେଳେ ମୁଁ ଗତବର୍ଷର ତହ୍‌ରିକେ ଯଦିଦ୍‌ର ଘୋଷଣା କଲି ସେଦିନ ଖୁତ୍‌ବାରେ ଘୋଷଣା ଶୁଣି ସେ ନିଜର ୱାଦା ଲେଖାଇଦେଲେ ଏବଂ ପ୍ରତିଜ୍ଞା କଲେ ଯେ ମୁଁ ପ୍ରତ୍ୟେକ ମାସରେ ନିଜର ଚାନ୍ଦା ପଇଠ କରିଦେବି ଏବଂ ସେ ସେହିପରି ହିଁ କରୁଥିଲେ କିନ୍ତୁ କରୋନା ରୋଗ ଯୋଗୁଁ ତାଙ୍କର ଆୟ ବନ୍ଦ ହୋଇଗଲା ଏବଂ ବ୍ୟବସାୟ ଠପ ହୋଇଗଲା ସେ କୁହନ୍ତି ସେତେବେଳେ ମୁଁ ବହୁତ ଚିନ୍ତିତ ହେଲି କିନ୍ତୁ ଏହା ସତ୍ତ୍ୱେ ଯେତେବେଳେ ତହ୍‌ରିକେ ଯଦିଦ୍‌ର ବର୍ଷ ସମାପ୍ତ ହେବାକୁ ବସିଲା ସେତେବେଳେ ମୁଁ ଆହୁରି ବ୍ୟସ୍ତବିବ୍ରତ ହୋଇପଡିଲି କି କିପରି ନିଜ ଚାନ୍ଦା ପଇଠ କରିବି । ଏହାପରେ ମୁଁ ଦୁଆ କଲି ଦିନେ ସକାଳେ କୌଣସି ଅଜ୍ଞାତ ବ୍ୟକ୍ତିର ଫୋନ୍ ଆସିଲା ଓ ସେ ପଚାରିଲା ଯେ କଣ ଆପଣ ନିର୍ମାଣ ସମ୍ବଳିତ ବ୍ଲକ୍‌ସ ପ୍ରସ୍ତୁତ କରୁଛନ୍ତି ମୁଁ ଉତର ଦେଲି ହଁ ସୁତରାଂ ମତେ ଘରେ ବସି କାମଟିଏ ମିଳିଗଲା ଏବଂ ଏହା ଯୋଗୁଁ ମୁଁ ଅଲ୍ଲାଃ ତାଲାଙ୍କ ସହିତ କରିଥିବା ପ୍ରତିଶୃତି ପୂରଣ କରିବାର ମାଧ୍ୟମ ମତେ ମିଳିଗଲା । ଲକ୍‌ଡ଼ାଉନ୍ ଯୋଗୁଁ ଯେଉଁ ଆର୍ଥିକ ସଂକଟ ଦେଖାଦେଇଥିଲା ତାହା ମଧ୍ୟ ଦୂରିଭୁତ ହେଲା । ଇବ୍ରାହିମ୍ ସାହେବ କୁହନ୍ତି ଏହି ସମସ୍ତ ବର୍‌କତ୍ ଉପସ୍ଥିତ ଖଲିଫାଙ୍କ ଡ଼ାକରାରେ ଲବ୍‌ବେକ କହିବା ଯୋଗୁଁ ସମ୍ଭବପର ହୋଇପାରିଛି ।

ତାଞ୍ଜାନିଆର ଅମୀର ସାହେବ ଉଲ୍ଲେଖ କରନ୍ତି କି ଜମ୍ୱାରର ମୁବ୍‌ଲିଗ୍ ସାହେବ ଉଲ୍ଲେଖ କରନ୍ତି ଆମିନା ବିବି ନାମୀ ଜଣେ ମୁରବୀ ଅହେମଦୀ ମହିଳା ପ୍ରତ୍ୟେକ ବର୍ଷ ନିଜର ସିମୀତ ଆୟ ସତ୍ତ୍ୱେ ଚାନ୍ଦା ପଇଠ କରିବାରେ ସର୍ବାଗେ ରହୁଥିଲେ । ଚଳିତ ବର୍ଷ ମଧ୍ୟ ଯେତେବେଳେ ରମ୍‌ଜାନ ମୁବାରକ୍‌ର ଆର୍ଥିକ ବଳିଦାନ ନିମନ୍ତେ ଆହ୍ୱାନ ଦିଆଗଲା । ସେତେବେଳେ ସେ ଯଥା ସମ୍ଭବ ଚେଷ୍ଟା କଲେ ଯେ, ତାଙ୍କର ଚଳିତ ମାସରେ ହିଁ ତାଙ୍କର ୱାଦା ପୂରଣ ହୋଇଯାଉ । କିନ୍ତୁ ଆର୍ଥିକ ସମସ୍ୟା ଯୋଗୁଁ ତାଙ୍କ ନିକଟରେ ଅର୍ଥ ଅଭାବ ଯୋଗୁଁ ସେ ଚାନ୍ଦା ଦେଇପାରିଲେ ନାହିଁ ଦିନେ ମୁଁ ଏହି ଘଟଣାର ବ୍ୟାପକତା ଯୋଗୁଁ ବହୁତ ବିବ୍ରତ ହେଲି ଏପରି କି ମୁଁ ରାତିରେ ଉଠି ବସିପଡ଼ିଲି ଯେ ମୁଁ ଅଲ୍ଲାଃଙ୍କ ଆଗରେ କାନ୍ଦି କାନ୍ଦି କହିଲି, ହେ ଈଶ୍ୱର ! ଡ଼ାକରାରେ ମୁଁ ଲବେକ୍ କହିଛି ସେଥିରୁ ମୁଁ ବଂଚିତ ରହିବାକୁ ଚାହୁଁନାହିଁ ସୁତରାଂ ସେହିଦିନ ତାଙ୍କର ଏକ ପ୍ରୀୟଜନଙ୍କର ଫୋନ ଆସିଲା ଯାହାଙ୍କ ସହିତ ଦୀର୍ଘ ଦିନ ଧରି ସମ୍ପର୍କ ବିଚ୍ଛିନ୍ନ ଥିଲା । ତାଙ୍କର ସେହି ପ୍ରୀୟଜନ ନିଜ ଆଡୁ ତାଙ୍କୁ ଉପହାର ସ୍ୱରୁପ କିଛି ଅର୍ଥ ପଠାଇଲେ । ସେହି ଭଦ୍ର ମହିଳାଜଣକ ଉକ୍ତ ଅର୍ଥକୁ ଚାନ୍ଦାରେ ପଇଠ କରିଦେଲେ । ସେ ନିଜେ କୁହନ୍ତି ଚାନ୍ଦା ଦେବା ଯୋଗୁଁ ମୋର ପ୍ରଭୁ ସର୍ବଦା ମୋ ସହିତ ପ୍ରେମ ମୂଳକ ଆଚରଣ ପ୍ରଦର୍ଶନ କରିଥାନ୍ତି ଏବଂ ମତେ କେବେହେଲେ ଏକୁଟିଆ ଛାଡ଼ିନାହାନ୍ତି ।

କାଦିୟାନ୍‌ରୁ ୱକିଲୁଲ୍ ମାଲ୍ ସାହେବ ଉଲ୍ଲେଖ କରିଛନ୍ତି: କେରଳର ଯାମତ୍ କେରୁଲାଇର ଜଣେ ବନ୍ଧୁଙ୍କର ତହ୍‌ରିକେ ଯଦିଦ୍‌ର ୫ଲକ୍ଷ ଟଙ୍କା ଚାନ୍ଦା ୱାଦା ଥିଲା । ସେ ନିଜ ଫାର୍ମର ଫର୍ଣ୍ଣିଚର କ୍ରୟ କରିବାପାଇଁ କିଛି ଅର୍ଥ ଯମା ରଖିଥିଲେ ଏବଂ ଯଥା ସମୟରେ ଚାନ୍ଦା ପଇଠ ନ କରିବା ଯୋଗୁଁ ଫାର୍ମର କାର୍ଯ୍ୟକୁ ରୋକିବାକୁ ପଡ଼ିଥିଲା ଅର୍ଥାତ ସେହି ଫର୍ଣ୍ଣିଚରର କାର୍ଯ୍ୟ ରୋକିବାକୁ ପଡ଼ିଥିଲା । କିନ୍ତୁ ସେହି କ୍ଷଣରେ ତହ୍‌ରିକେ ଯଦିଦ୍‌ର ଚାନ୍ଦା ପଇଠ କରିବାର ମଧ୍ୟ ଅଭିଯାନ ଚାଲିଥିଲା ତେଣୁ ସେ ଚାନ୍ଦାର ମହତ୍ୱକୁ ଦୃଷ୍ଟିରେ ରଖି ଚାନ୍ଦାର ସମସ୍ତ ଜମା ରଖିଥିବା ସମସ୍ତ ରାଶିକୁ ଚାନ୍ଦାରେ ପଇଠ କରିଦେଇଥିଲେ । ତାଙ୍କର ଏହିଭଳି ନୈଷ୍ଠିକ ଉଦ୍ଦେଶ୍ୟ ଯୋଗୁଁ ଅଲ୍ଲାଃ ତାଲା ତାଙ୍କ ଉପରେ ଏଭଳି ଭାବରେ କୃପା ବର୍ଷଣ କଲେ ଯାହା ଫଳରେ କିଛି କ୍ଷଣରେ ହିଁ ଚାନ୍ଦାର ଅଗ୍ରୀମ ରାଶିକୁ ୧୬ ଅଂଶ ଅର୍ଥରାଶି ତାଙ୍କ ଆକାଉଂଟରେ କୌଣସି ମାଧ୍ୟମରେ ଆସିଗଲା ଏବଂ ଫର୍ମ ପାଇଁ ଯେଉଁ ସବୁ ଜିନିଷ ଉପଲବ୍ଧ କରାଯାଇଥିଲା ତାହା ବରାଦ୍ କରିଦେଲେ ସେ । ଏହା ପରେ ମହୋଦୟଙ୍କୁ ବହୁତ ବଡ଼ ରାଶି ଯାହାକି ଅନେକ ମିଲିୟନ୍ ହେବ ପ୍ରୋଜେକ୍ଟ ମିଳିଗଲା ଏବଂ ନିଜର ୱାଦା ବ୍ୟତିତ ପ୍ରଚୁର ପରିମାଣର ଅର୍ଥ ୧୨ଲକ୍ଷ ଟଙ୍କା ସେ ତହ୍‌ରିକେ ଯଦିଦ୍‌ରେ ଅଧିକ ଦାନ କରିଥିଲେ ।

ଭାରତରୁ ହିଁ ଆଉ ଏକ ବିଶ୍ୱାସବର୍ଦ୍ଧକ ଘଟଣା ସମ୍ପର୍କରେ ଅବ୍‌ଦୁଲ୍ ବାସିତ୍ ସାହେବ ଇନ୍‌ପେକ୍ଟର ତହ୍‌ରିକେ ଯଦିଦ୍ ଉଲ୍ଲେଖ କରିଛନ୍ତି । କେରଳର ଏକ ଯମାତ୍ କୋଚିନ୍‌ରେ ତହ୍‌ରିକେ ଯଦିଦ୍ ଅବସରରେ ଏକ ଜଲ୍‌ସାର ଆୟୋଜନ କରାଗଲା । ସେହି ଜଲ୍‌ସାରେ ତହ୍‌ରିକେ ଯଦିଦ୍‌ର ଅଭିପ୍ରାୟ ତଥା ଏହାର ମହତ୍ୱ ପ୍ରସଙ୍ଗରେ ଅନେକ କଥା ଆଲୋଚନା କରାଗଲା । ସ୍ଥାନିୟ ଯମାତ୍ ବୃନ୍ଦଙ୍କୁ ତହ୍‌ରିକେ ଯଦିଦ୍‌ର ଆର୍ଥିକ ବଳିଦାନରେ ପରସ୍ପରଠାରୁ ଆଗକୁ ବଢ଼ି ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଗଲା । ଶେଷ ହେବାପରେ ଆମେମାନେ ସଦର ସାହେବଙ୍କ ସୁପୁତ୍ରୀ ଯାହାର ବୟସ ମାତ୍ର ୮ବର୍ଷ ଥିଲା ସେ ନିଜର ମନିବକ୍ସ ନେଇ ଆସିଲେ ଏବଂ କହିଲେ, ମୌଲବୀ ସାହେବ ମୋର ଏହି ବାକ୍ସ ମଧ୍ୟରେ ଯେତେ ଟଙ୍କା ସଂଚିତ ଅଛି ସେ ସବୁ ଆପଣ ତହ୍‌ରିକେ ଯଦିଦ୍‌ରେ ଚାନ୍ଦା ଆକରରେ ନେଇ ନିଅନ୍ତୁ । ସେତେବେଳେ ସେହି ବାକ୍ସରେ ୮୬୪ ଟଙ୍କା ଥିଲା ଯାହାକି ସେ ତହ୍‌ରିକେ ଯଦିଦ୍‌ର ଚାନ୍ଦାରେ ଦାନ କରିଦେଇଥିଲେ । ତାଙ୍କର ପୁତ୍ରି ଅନେକ ଦିନ ଧରି ଉକ୍ତ ଅର୍ଥକୁ ତହ୍‌ରିକେ ଯଦିଦ୍‌ର ଚାନ୍ଦାରେ ଦେବାପାଇଁ ଜମା କରୁଥିଲେ ତାଙ୍କ ପିତା କୁହନ୍ତି ମୁଁ ଯେତେବେଳେ ଦୋକାନରୁ ଘରକୁ ଫେରେ ସେତେବେଳେ ମୋ ପକେଟରେ ଯେତେ ଖୁଚୁରା ପଇସା ରହୁଥିଲା ସେ ମୋ ଠାରୁ ନେଇ ତାହାକୁ ସଂଚୟ କରିଦେଉଥିଲେ ଏବଂ କହୁଥିଲେ ବାପା ଆପଣ ମତେ ସେହି କଏନ୍‌ଗୁଡ଼ିକୁ, ମୁଦ୍ରାଗୁଡିକୁ ଦେଇଦିଅନ୍ତୁ ଏବଂ ନିଜର ସେହି ଠଣା ଭିତରେ ସେ ତାହାକୁ ଜମା କରିଦେଉଥିଲା । ଏହିପରି ଭାବେର ସେହି କୁନୀ ଝିଅଟି ଅନେକ ମାସ ଧର ଜମା କରି ରଖିଥିବା ନିଜର ସଂଚିତ ପୂଞ୍ଜିକୁ ତହ୍‌ରିକେ ଯଦିଦ୍‌ରେ ପଇଠ କରିଦେଇଥିଲେ । ଛୋଟ ପିଲାମାନଙ୍କ ମଧ୍ୟରେ ଅଲ୍ଲାଃ ତାଲା ଏହି ମନୋଭାବଟି ଉତ୍ପନ୍ନ କରିଦେଇଛନ୍ତି କି ଆମେ ଅଲ୍ଲାଃଙ୍କ ମାର୍ଗରେ ଚାନ୍ଦା ଦେବା, ଅର୍ଥ ଦାନ କରିବା ।

ବୟତ କରିବା ପରେ ଜଣେ ଅହେମଦୀଙ୍କୁ କିଭଳି ଭାବରେ ଆର୍ଥିକ ବଳିଦାନ କରିବାପ୍ରତି ଚିନ୍ତା ଉତ୍ପନ୍ନ ହୋଇଥାଏ । ଆଲ୍‌ବେନିୟାରୁ ସମଦ୍ ସାହେବ ଉଲ୍ଲେଖ କରିଛନ୍ତି । ଏକ ଗ୍ରାମର ଦାଲିବ୍ ଦର୍ଜି ନାମକ ଜଣେ ସ୍ଥାନୀୟ ଅହେମଦୀ ଆଧିବାସି ଦିନେ ଜୁମା ପରେ ଦେଖା ହେଲେ ସେ ଜଣେ ପେନ୍‌ସନଧାରୀ ବ୍ୟକ୍ତି ସାଧାରଣ ଆୟ ସତ୍ତ୍ୱେ ପ୍ରତି ମାସରେ ନିୟମିତ ରୂପେ ଚାନ୍ଦା ପଇଠ କରିଦେଉଛନ୍ତି ତାଙ୍କ ନିକଟରେ ନିଜର ଗୋଟିଏ ଗାଡ଼ି ମଧ୍ୟ ରହିଛି । ପବ୍ଲିକ୍ ଟ୍ରାନ୍ସପୋର୍ଟ ଯୋଗେ ସେ ଜୁମା ନମାଜକୁ ଆସୁଥିଲେ ଏବଂ ସଂକ୍ରମକ କରୋନା ଯୋଗୁଁ ଅନେକ ଦିନର ଅବଧି ପରେ ସେ ଜୁମା ନମାଜ ପାଠ କରିବାକୁ ଆସିଥିଲେ । ଜୁମା ପରେ ସେ କହିବାକୁ ଲାଗିଲେ, ମୋ ମନରେ ଏକ ବୋଝ ପରି ରହିଥିଲା ଯେ, ଏତେମାସ ହେଲା ମୁଁ ଚାନ୍ଦା ଦେଇନାହିଁ ତେଣୁ ସେ ନିଜ ସାଙ୍ଗରେ ଆଠ ମାସର ଚାନ୍ଦା ଧରି ଆସିଥିଲେ ଯାହାକି ସେ ତହ୍‌ରିକେ ଯଦିଦ୍, ୱକ୍‌ଫେ ଯଦିଦ୍‌ରେ ପଇଠ କରିଦେଲେ । ଏହିପରି ଭାବରେ ଦେଖିବାକୁ ଅନେକ ଦୃଷ୍ଟାନ୍ତ ରହିଛି ।

ତାଞ୍ଜାନିଆରୁ ହୁସୈନ୍ ସାହେବ ନାମକ ଜଣେ ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି: ସାଲେ ମଟୁଙ୍କା ସାହେବ ନାମକ ଜଣେ ନୈଷ୍ଠିକ ଅହେମଦୀ ଅଛନ୍ତି ସେ ପରସ୍ପରଠାରୁ ବଳି ସ୍ୱପ୍ରସନ୍ନତା ଯୋଗୁଁ ଆର୍ଥିକ ବଳିଦାନରେ ଅଂଶ ଗ୍ରହଣ କରନ୍ତି । କିଛି ଦିନ ପୂର୍ବେ ସେ ଅସୁସ୍ଥ ହୋଇଗଲେ ଚିକିତ୍ସା ପାଇଁ ତାଙ୍କ ନିକଟରେ ପଇସା ନଥିଲା । ତାଙ୍କୁ ଯେତେବେଳେ ମାସ ଶେଷରେ ପେନ୍‌ସନ୍ ଟଙ୍କା ମିଳିଲା ସେତେବେଳେ ସେ ସର୍ବପ୍ରଥମେ ନିଜର ତହ୍‌ରିକେ ଯଦିଦ୍‌ରେ ଚାନ୍ଦା ଦେଲେ । ମୁଅଲ୍ଲିମ ସାହେବ କୁହନ୍ତି ଯେ ମୁଁ ତାଙ୍କୁ ବହୁତ ବୁଝାଇଲି କି ଆପଣ ଉକ୍ତ ରାଶିକୁ ନିଜର ଚିକିତ୍ସାରେ ଖର୍ଚ୍ଚ କରନ୍ତୁ । ତା’ପରେ ଯାଇ ଚାନ୍ଦା ପଇଠ କରିବେ । କିନ୍ତୁ ସେ କହିଲେ ଅଲ୍ଲାଃ ତାଲାଙ୍କ ସତା ହି ଆରୋଗ୍ୟ ପ୍ରଦାନକାରୀ ତେଣୁ ମୁଁ ନିଜ ପ୍ରଭୁଙ୍କ ସହିତ କରିଥିବା ପ୍ରତିଶୃତିକୁ ସର୍ବପ୍ରଥମେ ପୂରଣ କରିବି ଏହା ପରେ ଯାଇ ନିଜର ଚିକିତ୍ସା କରିବି । ସୁତରାଂ ନବାଗତ ଅହେମଦୀମାନଙ୍କର ଏଭଳି ବଳିଦାନକୁ ଦେଖି ମଧ୍ୟ ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଥାଏ ଯେ ଅଲ୍ଲାଃ ତାଲା ଦୁରଦୁରାନ୍ତରେ ବସି ରହିଥିବା ଏହି ନବାଗତ ଅହେମଦୀଙ୍କୁ ଚାନ୍ଦାର ମହତ୍ୱକୁ ବୁଝିବାକୁ କିଭଳି ଶକ୍ତି ପ୍ରଦାନ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସିବା ଫଳରେ ଏହି ଲୋକମାନଙ୍କ ମଧ୍ୟରେ କିଭଳି ମହା ବିପ୍ଲବ ସୃଷ୍ଟି ହୋଇଯାଇଛି ତାହା ଦେଖି ମଣିଷ ଆଚମ୍ବିତ ହୋଇଥାଏ ।

ଗାମ୍ବିୟାର ଅମୀର ସାହେବ ଉଲ୍ଲେଖ କରନ୍ତି କି ତହ୍‌ରିକେ ଯଦିଦ୍‌ର ମହତ୍ୱ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଅଂଚରେ ତହ୍‌ରିକେ ଯଦିଦ୍‌ର କାର୍ଯ୍ୟକ୍ରମର ଆୟୋଜନ କରାଗଲା । ଇସ୍‌ଲାମ୍ ପାଇଁ ଜୀବନକୁ ଉତ୍ସର୍ଗ କରିବା ସରଳ ଜୀବନ ଯାପନ କରିବା ଅତି ସାଧାରଣ କାର୍ଯ୍ୟ କରିବାରେ ଲଜ୍ଯା ଅନୁଭବ ନ କରିବା ପ୍ରସଙ୍ଗରେ ଲୋକମାନଙ୍କୁ ଧ୍ୟାନ ଆକର୍ଷିତ କରାଗଲା । ସୁତରାଂ ଉକ୍ତ କାର୍ଯ୍ୟକ୍ରମ ପରେ ଇବ୍ରାହିମ୍ ସାହେବ ନାମକ ଜଣେ ବନ୍ଧୁ କହିଲେ କି ସେ ତହ୍‌ରିକେ ଯଦିଦ୍‌ରେ ଏକ ହଜାର ଡ଼ଲାରି ଉପସ୍ଥାପନ କରିବାକୁ ଚାହୁଁଛନ୍ତି । ସେହିପରି ସେ ଏହା ମଧ୍ୟ କହିଲେ କି ସେ ନିଜର ଏକ ମାତ୍ର ପୁତ୍ରକୁ ୱକ୍‌ଫେ ଜିନ୍ଦଗୀ କରି ମୁବ୍‌ଲିଗ୍ କରିବାକୁ ଚାହୁଁଛନ୍ତି । ବର୍ତମାନ ତାଙ୍କର ସେହି ପୁତ୍ର ମାଧ୍ୟମିକ ସ୍କୁଲ୍‌ରେ ଅଧ୍ୟୟନ ରତ । ସୁତରାଂ ତାଙ୍କର ଏହିଭଳି ପବିତ୍ର ମନସ୍କାମନା ରହିଛି

ଅଲ୍ଲାଃ କରନ୍ତୁ ତାଙ୍କର ଏହି ମନସ୍କାମନା ପୂରଣ ହେଉ ଏବଂ ତାଙ୍କର ପୁତ୍ର ମୁବଲିଗ୍ ହୋଇ ବାହାରୁ ଓ ଧର୍ମ ସେବା କରୁ ।

ଏହିପରି ଭାବରେ ଘାନାର ଏକ୍ରାଜୋନ୍‌ର ଜେନେରାଲ୍ ସେକ୍ରେଟାରୀ ଆଦମ୍ ସାହେବ ଉଲ୍ଲେଖ କରନ୍ତି, ମତେ ଜୋନାଲ୍ ସଦର ସାହେବ ୫୦ ଘାନା ସିଡ଼ିର ଅର୍ଥ ଭଡ଼ା ସ୍ୱରୂପ ଦେଲେ । ମୁଁ ଉକ୍ତ ଅର୍ଥକୁ ତହରିକେ ଯଦିଦ୍‌ରେ ପଇଠ କରିଦେଲି ପରବର୍ତୀ ଦିନ ସକାଳେ ଅଫିସର ସହିତ କୌଣସି କାମ ପାଇଁ ଗଲି ଫେରିବାବେଳକୁ ଅଫିସର ସାହେବ ପଚାରିଲେ କେଉଁଥିରେ ଫେରିବ । ମୁଁ ଉତର ଦେଲି ଟ୍ୟାକ୍ସିରେ ଚାଲିଯିବି । ପ୍ରତି ଉତରରେ ଅଫିସର ସାହେବ ମୋ ଫୋନ୍ ମାଗିଲେ ଏବଂ କହିଲେ, ନିଜ ଫୋନ ଚେକ୍ କର ସେ କୁହନ୍ତି ମୁଁ ଚେକ୍ କରିବାରୁ ଦେଖିଲି ଯେ ଏକ ହଜାର ସିଡ଼ି ମୋ ମୋବାଇଲ୍ ମାଧ୍ୟମରେ ମୋ ଆକାଉଂଟରେ ଅର୍ଥ ଯମା ହୋଇଯାଇଛି । ଏପରି ୫୦ ସିଡ଼ି ବଦଳରେ ଅଲ୍ଲାଃ ତାଲା ମତେ ଏକ ହଜାର ସିଡ଼ି ଅର୍ଥ ଫେରସ୍ତ କରିଦେଲେ । ସୁତରାଂ ଏ ହେଉଛି ଚାନ୍ଦା ଦେବାର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଯାହାକୁ ମୁଁ ବର୍ଣ୍ଣନାକଲି ମୋ ପାଖରେ ଏପରି ଅନେକ ଘଟଣାବଳୀ ରହିଛି ଅଲ୍ଲାଃ ତାଲା ଆର୍ଥିକ ବଳିଦାନ କରିଥିବା ବ୍ୟକ୍ତିମାନଙ୍କ ଧନଜୀବନରେ ଅତ୍ୟଧିକ ବରକତ୍ ପ୍ରଦାନ କରନ୍ତୁ । ଯେପରି ପାରମ୍ପରିକ ଭାବରେ ତହରିକେ ଯଦିଦ୍ ବିଷୟରେ ଘୋଷଣା କରାଯାଇଥାଏ ସେହିପରି ଭାବରେ ବର୍ତମାନ ଚଳିତବର୍ଷର ତହରିକେ ଯଦିଦ୍‌ର ମୋଟ ବଳିଦାନର ସବିଶେଷ ବିବରଣୀ ମଧ୍ୟ ଏଠାରେ ଉପସ୍ଥାପନ କରିବାକୁ ଯାଉଛି ।

ଅଲ୍ଲାଃ ତାଲାଙ୍କ କୃପାରୁ ତହରିକେ ଯଦିଦ୍‌ର ୮୬ ତମ ବର୍ଷ ଗତ ଅକ୍ଟୋବର ମାସ ୩୧ ତାରିଖ ଦିନ ସମାପ୍ତ ହେଲା ଏବଂ ୮୭ ତମ ବର୍ଷ ଆରମ୍ଭ ହୋଇଗଲା । ଅଲ୍ଲାଃ ତାଲାଙ୍କ କୃପାରୁ ଚଳିତବର୍ଷ ବିଶ୍ୱରେ ପରିବ୍ୟାପ୍ତ ଅହେମଦୀ ଯମାତ୍‌କୁ ତହରିକେ ଯଦିଦ୍‌ର ଆର୍ଥିକ ବ୍ୟବସ୍ଥାରେ ୧୪.୫ ମିଲିୟନ୍ ଡ଼ଲାର ଅର୍ଥାତ ୧ କୋଟି ୪୫ ଲକ୍ଷ ପାଉଣ୍ଡରେ ଅର୍ଥ ଦାନ କରିବାକୁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ଉକ୍ତ ଆଦାୟଟି ଗତବର୍ଷ ତୁଳନାରେ ୮ ଲକ୍ଷ ୮୨ ହଜାର ପାଉଣ୍ଡ ଅଧିକ ଅଟେ । ଚଳିତ ବର୍ଷ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଯମାତ୍ ଅହେମଦୀୟା ମଧ୍ୟରୁ ଜର୍ମାନୀ ସର୍ବଆଗ୍ରେ ରହିଛି । ପାକିସ୍ତାନର ଆର୍ଥିକ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି । ରାଜନୈତିକ ସ୍ଥିତି ମଧ୍ୟ ତାଙ୍କର ଭୁଷୁଡ଼ି ପଡ଼ିଛି କିନ୍ତୁ ଏହା ସତ୍ୱେ ମଧ୍ୟ ପାକିସ୍ତାନର ଯମାତ୍‌କୁ ପୃଥିବୀର ଯମାତ୍ ତୁଳନାରେ ତ ନୁହେଁ କିନ୍ତୁ ସାମୁହିକ ରୂପେ ନିଜ ଦେଶରେ ଏବଂ ସ୍ୱଦେଶୀ ମୁଦ୍ରାସ୍ଥିତି ଅନୁଯାୟୀ ଅତ୍ୟଧିକ ଉନ୍ନତି ହାସଲ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି ଏବଂ ସେଠାକାର ଲୋକମାନେ ବଳିଦାନ କରିଛନ୍ତି ଅଲ୍ଲାଃ ତାଲା ସେହି ଦେଶର ସମସ୍ତ ଅର୍ଥନୈତିକ ଓ ରାଜନୈତିକ କ୍ଷତିଗ୍ରସ୍ତକୁ ଦୂର କରନ୍ତୁ ଓ ସେମାନଙ୍କ ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି କରି ସେଥିରେ ଉନ୍ନତି ପ୍ରଦାନ କରନ୍ତୁ । କାରଣ ସେମାନେ ଯେପରି ବଳିଦାନ ଦେବାର ପରମ୍ପରାଠାରୁ ଅଧିକ ସାମର୍ଥ୍ୟ ପ୍ରାପ୍ତ ହେଉ ସେ ଯାହା ହେଉ ନା କାହିଁକି ସାମୂହିକ ଭାବରେ କହିବାକୁ ଗଲେ ବର୍ତମାନ ଯେଉଁଭଳି ସ୍ଥିତି ରହିଛି ତାହା ଏହି କି ଯେ, ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି, ତା'ପରେ ବ୍ରିଟେନ୍, ତା'ପରେ ଆମେରୀକା, ଆମେରୀକା ପରେ ମିଡିଲ୍ ଇଷ୍ଟର ଏକ ଦେଶ, ଏଥିଅନ୍ତେ ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଘାନା, ଘାନା ମଧ୍ୟ ବର୍ତମାନ ଆଫ୍ରିକା ତୁଳନାରେ ବାହାରକୁ ବାହାରି ଆସି ଅନ୍ୟ ରାଷ୍ଟ୍ର ତୁଳନାରେ ଅର୍ଥଦାନରେ ସାମିଲ ହୋଇଯାଇଛି ତେଣୁ ଯେପରି ଆମେରୀକା ଓ ୟୁରୋପ ଦେଶ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ପ୍ରତିଯୋଗିତା କରିବା ଆରମ୍ଭ କରିଦେଇଛନ୍ତି ସେହିପରି ଘାନା ମଧ୍ୟ ଆଫ୍ରିକା ସାଙ୍ଗରେ ପ୍ରତିଯୋଗିତା ଆରମ୍ଭ କରିଦେଇଛି । ସେହିପରି ମୁଣ୍ଡପିଛା ପଇଠ ଅନୁଯାୟୀ ସୁଇଜରଲ୍ୟାଣ୍ଡ ପ୍ରଥମ ସ୍ଥାନ ଅଧିକାର କରିଛି । ଏହାପରେ ଆମେରୀକା, ସିଙ୍ଗାପୁର ଇତ୍ୟାଦି ସ୍ଥାନ ଅଧିକାର କରିଛନ୍ତି ।

ଆଫ୍ରିକୀୟ ମହାଦେଶରେ ସାମୁହିକ ଆଦାୟ ଅନୁଯାୟୀ ସ୍ଥାନ ଅଧିକାର କରିଥିବା ଯମାତ୍‌ଗୁଡ଼ିକ ହେଲେ । ଘାନା, ନାଇଜେରିଆ, ବୁର୍କିନାଫାସୋ, ତାଞ୍ଜାନିଆ, ଗାମ୍ବିୟା, ସେରେଲିଓନ, ସେରେଲିଓନ୍ ଯମାତ୍ ଅତି ପୁରାତନ ଓ ବଡ଼ ଯମାତ୍ ଅଟେ ତାଙ୍କର ଅମୀର ସାହେବ ଓ ତାଙ୍କର ପଦାଧିକାରୀମାନଙ୍କୁ ଏହି ଚେଷ୍ଟା କରିବା ଉଚିତ କି ଯଦି ଯମାତ୍ ବୃନ୍ଦଙ୍କୁ ସଠିକ୍ ଭାବରେ ଆର୍ଥିକ ବଳିଦାନ ପ୍ରତି ସଚେତନ କରାଯାଏ ତେବେ ସେମାନେ ଅର୍ଥଦାନ କରିବାକୁ ଆଗଭର ହେବ ଏବଂ ସେମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ । ଏହାପରେ ବେନିନ୍ ଯମାତ୍ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପାରୁ ବହୁତ ବେଶ୍ ଭଲ କାମ କରିଛି, ନାଇଜେରିଆ ଓ ବେନିନ୍‌ର ମୁଣ୍ଡପିଛା ଚାନ୍ଦା ପଇଠ କରିବାରେ ଅଧିକ ଅଭିବୃଦ୍ଧି ଘଟିଛି । ବେନିନ୍‌ର ମୁଣ୍ଡପିଛା ଆଦାୟ ଦୃଷ୍ଟିକୋଣରୁ ଛଅଗୁଣ ଅଧିକ ଉନ୍ନତି ଘଟିଛି । ସ୍ଥାନିୟ ମୁଦ୍ରାସ୍ଥିତି ଅନୁଯାୟୀ ନାଇଜେରିଆରେ ସାମ୍ପ୍ରତିକ ପରିସ୍ଥିତି ସତ୍ୱେ ଆଠଗୁଣ ଅଧିକ ଅଭିବୃଦ୍ଧି ଘଟିଛି ଗତ ବର୍ଷ ତୁଳନାରେ ସେମାନଙ୍କ ସାମିଲ ହୋଇଥିବା ସଂଖ୍ୟା ଖୁବ୍ କମ୍ ଥିଲା କିନ୍ତୁ ସାମୁହିକ ଅର୍ଥରାଶି ଗତବର୍ଷ ତୁଳନାରେ ତାଠାରୁ ଅଧିକ ଅଟେ । ସାମିଲ ହୋଇଥିବା ଚାନ୍ଦା ଦାତାଙ୍କ ମୋଟ ସଂଖ୍ୟା ହେଉଛି ୧୬ ଲକ୍ଷ ୮ ଶହ । ତହିଁରେ ବର୍ଣ୍ଣନା ଯୋଗ୍ୟ ଆଫ୍ରିକୀୟ ଦେଶଗୁଡ଼ିକ ଯେଉଁମାନଙ୍କ ମଧ୍ୟରେ ଗତବର୍ଷ ତୁଳନାରେ ଅଭିବୃଦ୍ଧି ଘଟିଛି ସେମାନେ ହେଲେ ଘାନା, ବୁର୍କିନାଫାସୋ, ମାଲି, ଗାମ୍ବିୟା, କଙ୍ଗୋସା, ତାଞ୍ଜାନିଆ, ଲାଇବେରିଆ, କେନିଆ, ସେଂଟ୍ରାଲ ଆଫ୍ରିକା, ସାଓତୁମେ, କଙ୍ଗୋ, ବାଙ୍କୁଏଲ୍, ଜିମ୍ବାୱେ ଓ ଅନ୍ୟବଡ଼ ଯମାତ୍ ମଧ୍ୟରେ ବାଙ୍ଗଲାଦେଶ, ଜର୍ମାନୀ, କାନାଡ଼ା, ଭାରତ, ଅଷ୍ଟ୍ରେଲିଆ ଓ ବ୍ରିଟେନ୍ ଆଦି ରାଷ୍ଟ୍ର ସ୍ଥାନ ଅଧିକାର କରିଛନ୍ତି । ଯେଉଁମାନଙ୍କ ଚାନ୍ଦା ଦାତାଙ୍କ ସଂଖ୍ୟା ମଧ୍ୟରେ ବେଶ୍ ଅଭିବୃଦ୍ଧି ଘଟିଛି ।

ଅଲ୍ଲାଃ ତାଲାଙ୍କ କୃପାରୁ ଦଫ୍ତର ଅୱ୍ୱଲ୍ ଖାତା ସଂଖ୍ୟା ୫ ହଜାର ୯୨୭ ଅଟେ ତନ୍ମଧ୍ୟରୁ ୩୩ ଜଣ ବର୍ତମାନ ସୁଦ୍ଧା ଜୀବିତ ଅଛନ୍ତି । ସେମାନେ ସ୍ୱୟମ ନିଜର ଚାନ୍ଦା ପଇଠ କରୁଛନ୍ତି ଓ ୩ ହଜାର ୧୧୯ ଜଣଙ୍କର ଖାତା ସେମାନଙ୍କର ଉତରାଧିକାରୀ ମାଧ୍ୟମରେ ଜାରି ରହିଛି ଓ ଅବଶିଷ୍ଟ ୨୭୭୫ ଖାତା ଯମାତ୍ ତରଫରୁ ଅବ୍ୟାହତ ରହିଛି ।

ଜର୍ମାନୀର ସାମୁହିକ ଆଦାୟ ଦୃଷ୍ଟିକୋଣରୁ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି ତେଣୁ ଜର୍ମାନୀର ପ୍ରଥମ ଦଶଟି ଯମାତ୍‌ର ନାମ ଏପରି Mehdi-Abad, Rodermark, Neuss, Nidda, Koln, Pinneberg, Osnabrouch, Florsheim, Kiel and Freisheim ସେହିପରି ସ୍ଥାନୀୟ ଇମାରତର ନାମଗୁଡ଼ିକ ଏପରି Hamberg, Dietzenbach, Mannheim, Riedstadt, Russelsheim & Darmstadt.

ଏହାପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦେଶ ହେଉଛି ବ୍ରିଟେନ୍‌ର ଯମାତ୍‌ର ସ୍ଥାନ ଯଥାକ୍ରମେ ଏପରି ଅଟେ: ଏକ ନମ୍ବର ବଇତୁଲ୍ ଫୁତୁହ୍ ରିଜିୟନ, ମସ୍‌ଜିଦ୍ ଫଜଲ୍ ରିଜିୟନ୍, ଇସ୍‌ଲାମାବାଦ ରିଜିୟନ୍, ମିଡ୍‌ଲ୍ୟାଣ୍ଡସ୍ ରିଜିୟନ୍ ଏବଂ ବଇତୁଲ୍ ଏହ୍‌ସାନ୍ ରିଜିୟନ୍ । ସାମୁହିକ ପଇଠ ଅନୁଯାୟୀ ବ୍ରିଟେନ୍‌ର ପ୍ରଥମ ଦଶଟି ଯମାତ୍ ଯଥାକ୍ରମେ ଏପରି ଅଟନ୍ତି; Aldershot, ଇସ୍‌ଲାମାବାଦ, ମସ୍‌ଜିଦ୍ ଫଜଲ୍, Worcester Park, Brimingham South, Gillingham, Putney, South Cheam, Brimingham West & Cheam ଇତ୍ୟାଦି ।

ସାମୁହିକ ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ ବ୍ରିଟେନ୍ ର ପାଂଚଟି ଛୋଟ ଛୋଟ ଯମାତ୍ ଏପରି ଅଛନ୍ତି । Spen Valley, Keighley, Swansea, North Wales & Northampton ଇତ୍ୟାଦି ।

ଏହାପରେ ସାମୁହିକ ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ ଆମେରିକାର ପ୍ରଦର୍ଶନ ବେଶ୍ ଭଲ ରହିଛି ମୁଁ ଏହା ଭାବୁଛି ଯେ ଏହା ପୂର୍ବରୁ ପାକିସ୍ତାନର ବିଷୟରେ ପ୍ରଥମେ ବର୍ଣ୍ଣନା କରିଦେବା ଉଚିତ । ପାକିସ୍ତାନର ଯମାତ୍ ମଧ୍ୟରେ ସ୍ଥାନ ଅଧିକାର କରିଥିବା ଯମାତ୍‌ଗୁଡ଼ିକ ହେଲେ, ଲାହୋରା, ରବ୍ୱାହ୍, କରାଚୀ, ଜିଲ୍ଲା ସ୍ତରରେ ଯେଉଁ ଜିଲ୍ଲା ଅଧିକ ବଳିଦାନ ଦେଇଛନ୍ତି ସେଗୁଡ଼ିକ ହେଲେ, ଇସ୍‌ଲାମାବାଦ, ସିଆଲ୍‌କୋଟ, ଗଜୁରାଟ୍, ଗୁଜୁରାଁୱାଲା, ହାଇଦ୍ରାବାଦ, ମୀରପୁର, ଫୈସଲାବାଦ, ଟୋବାଟେକ୍ ସିଂ, ଉମରକୋଟ, ଚକୱାଲ କୋଟଲି, ଚକୱାଲ୍ ଅଲଗା ଲେଖା ହେବା ଉଚିତ ଓ କୋଟଲି ଅଲଗା ଲେଖା ହେବା ଉଚିତ ଜଣାନାହିଁ କାହିଁକି ଏମାନେ ଗୋଟିଏ କରିଦେଇଛନ୍ତି । ସମ୍ଭବତଃ ଉଭୟଙ୍କର ପୋଜିସନ୍ ଏକ ହୋଇଥାଇପାରେ ।

ଆଦାୟ ଦୃଷ୍ଟିରୁ ଅଧିକ ବଳିଦାନ କରିଥିବା ପାକିସ୍ତାନର ସହରି ଯମାତ୍‌ଗୁଡ଼ିକ ଏଭଳି ଅଟେ: ଡ଼ିଫେନ୍‌ସ୍ ଲାହୋରା, ରାଓଲ୍ ପିଣ୍ଡି, Drug Road Karachi, ମୁଗଲ୍‌ପୁରା ଲାହୋରା, ଟାଉନ୍‌ଶିପ୍ ଲାହୋର୍, ଅଜିଜାବାଦ୍ କରାଚି, ଗୁଲ୍‌ଶନ୍ ଇକ୍‌ବାଲ୍ କରାଚି, ପେଶାୱର୍, କୋଏଟା ଏବଂ ଦିଲ୍ଲିଗେଟ୍ ଲାହୋର୍ ।

ଆମେରୀକାର ଦଶଟି ଯମାତ୍ ହେଲେ, ମ୍ୟାରିଲ୍ୟାଣ୍ଡ, ଲସ୍‌ଏଞ୍ଜେଲସ୍, ସିଲିକନ୍ ଭ୍ୟାଲି, ସେଂଟ୍ରଲ ଭର୍ଜିନିଆ, ସିଆଟଲ୍, ଓଶ୍‌କୋଶ୍, ଡ଼େଟ୍ରାଏଡ଼୍, ସିକାଗୋ, ସାଉଥ୍ ଭର୍ଜିନିଆ, ହଷ୍ଟନ, ଆଟାଂଲାଟା ଓ ବୋଷ୍ଟନ ।

ସାମୁହିକ ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ କାନାଡ଼ାର ଆଚଂଳିକ ଇମାରତ୍ ମଧ୍ୟରୁ Vaughen, Peace Village ତୃତୀୟରେ କ୍ୟାଲ୍‌ଗେରି, ଚତୁର୍ଥରେ ନ୍ୟୁର୍କ, ପଂଚମରେ ଟୋରୋଂଟ, ତା'ପରେ ମିସିସାଗା, ବ୍ରମ୍‌ଟଂନ୍, ବ୍ରମଟଂନ୍ ଇଷ୍ଟ, ସାସାକାଟୋନ୍ ଏବଂ ଶେଷରେ ଟୋରାଂଟୋ ରହିଛି ।

କାନାଡ଼ାର ଛୋଟ ଯମାତ୍ ମଧ୍ୟରେ Bradford, Hamilton Mountain, Edmonten West, Regina & Hamilton East ଇତ୍ୟାଦି ସ୍ଥାନ ଅଧିକାର କରିଛନ୍ତି ।

ଏହାପରେ ବଳିଦାନ ଅନୁଯାୟୀ ଭାରତର ପ୍ରଥମ ଦଶଟି ଯମାତ୍ ହେଲେ, କୋଏମ୍ବଟୁର୍, କରୁଲାଇ, କାଦିୟାନ୍, ପିଥାପୁରମ୍, ହାଇଦ୍ରାବାଦ୍, କନୁଟାଉନ୍, କୋଲ୍‌କତା, କାଲିକଟ୍, ବାଙ୍ଗାଲୋର୍ ଏବଂ ମାଥାଟୋମ୍ । ଭାରତର ପ୍ରଥମ ଦଶଟି ପ୍ରଦେଶ ମଧ୍ୟରେ ସ୍ଥାନ ଅଧିକାର କରିଥିବା ପ୍ରଦେଶ ଯଥାକ୍ରମେ କେରଳ, ତାମିଲନାଡ଼ୁ, କର୍ଣ୍ଣାଟକ, ଜମ୍ମୁକଶ୍ମୀର, ତେଲେଙ୍ଗାନା, ପଞ୍ଜାବ, ଓଡ଼ିଶା, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ।

ଏହାପରେ ଅଷ୍ଟ୍ରେଲିଆର ପ୍ରଥମ ଦଶଟି ଯମାତ୍ ହେଲେ, Melbourn Long Warren, Castle Hill, Melblurn Berwick, Marsden Park, Adelaid

South, Penrith, Act Canberra, Adelaide West, Mount Druitt & Paramatta ଇତ୍ୟାଦି ।

ଏହି ସମସ୍ତ ଯମାତ୍ ଅର୍ଥ ଦାନରେ ସ୍ଥାନ ଅଧିକାର କରିଛନ୍ତି ଅଲ୍ଲାଃ ତାଲା ଏ ସମସ୍ତ ଯମାତ୍‌ର ଧନଜୀବନରେ ବଳିଦାନ କାରୀଙ୍କ ଧନ ଜୀବନରେ ଅସାଧାରଣ କଲ୍ୟାଣ ଓ ବିଭୁତି ଅବତୀର୍ଣ୍ଣ କରନ୍ତୁ, ବର୍‌କତ୍ ପ୍ରଦାନ କରନ୍ତୁ । ଏମାନଙ୍କ ବଳିଦାନକୁ ସ୍ୱୀକାର କରନ୍ତୁ ଏହାପରେ ଯେପରିକି ମୁଁ ପୂର୍ବେ କହିଲି ତହ୍‌ରିକେ ଯଦିଦ୍‌ର ୮୭ ତମ ବର୍ଷର ପ୍ରାରମ୍ଭ ହୋଇଯାଇଛି । ୧ ନଭେମ୍ବରରୁ ଯାହାର ବର୍ତମାନ ମୁଁ ଘୋଷଣା କରୁଅଛି ।

ବର୍ତମାନ ଏଥିପ୍ରତି ମଧ୍ୟ ମୁଁ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ଯେ ଆଜିକାଲି ବହୁତ ଦୁଆ କରିବାର ଆବଶ୍ୟକତା ରହିଛି ଆମେମାନେ ନିଜ ପାଇଁ ଓ ଯମାତ୍ ପାଇଁ ଦୁଆ କରିବା ଉଚିତ । ମୁସଲମାନମାନଙ୍କ ପାଇଁ ମଧ୍ୟ ସାମୁହିକ ରୂପେ ଦୁଆ କରିବା ଆବଶ୍ୟକତା ରହିଛି ଆଜିକାଲି ମୁସଲମାନମାନଙ୍କ ବିରୁଦ୍ଧରେ ଅଣମୁସଲମାନ ରାଷ୍ଟ୍ରମାନେ ଓ ସେମାନଙ୍କର ରାଜନେତାମାନେ ଅତ୍ୟନ୍ତ ଦ୍ୱେଷାଭାବ, ବୈରାଗ୍ୟଭାବ ଓ ଆକ୍ରୋଶମୂଳକ ଆବେଗ ପ୍ରଦର୍ଶନ କରୁଛନ୍ତି । ଏହା ସ୍ପଷ୍ଟ ଯେ ସେମାନେ ଏହି ଗଣତାନ୍ତ୍ରିକ ଯୁଗରେ ଜନତାକୁ ଈଶ୍ୱର ଆଖ୍ୟା ଦେଇଛନ୍ତି । ସେମାନଙ୍କ ଇଚ୍ଛା ଅନୁଯାୟୀ ନିଜର କଥନ ଓ ନିତି ପ୍ରସ୍ତୁତ କରିବାପାଇଁ ପ୍ରୟାସ କରୁଛନ୍ତି । ସ୍ୱୟମଂ ବେଳେବେଳେ ସେମାନଙ୍କୁ ଭୁଲ୍ ମାର୍ଗରେ ଭୁଲପଥ ପ୍ରଦର୍ଶନ କରି ଏହି ଆଡ଼କୁ ନେଇଯିବାକୁ ଚେଷ୍ଟା କରୁଛନ୍ତି ଯେ ଭଗବାନ ଆଉ ଏ ପୃଥିବୀରେ ନାହାନ୍ତି ବରଂ ତୁମେମାନେ ହିଁ ସର୍ବେସର୍ବା । ଏମାନେ ଇସ୍‌ଲାମ୍ ସପକ୍ଷରେ ମୁକ୍ତ କଣ୍ଠରେ ଭାଷଣ, ମନ୍ତବ୍ୟ ଓ ପ୍ରତିକ୍ରିୟା ଦେଇଚାଲିଛନ୍ତି ଅନ୍ୟ ପଟରେ ଲୋକମାନଙ୍କ ମନରେ ଇସ୍‌ଲାମ୍ ପ୍ରତି ଘୃଣାଭାବ ଓ ଖ୍ରୀଷ୍ଟିୟାନ୍ ଜାତିର ସୁରକ୍ଷାପାଇଁ ପ୍ରୟାସ ଚଲାଇଛନ୍ତି । ଏହି ଲୋକମାନେ ଏବଂ ସାଧାରଣ ଜନତାଙ୍କ ଏକ ବୃହତାଂଶ ମଧ୍ୟ ଇସ୍‌ଲାମ୍ ବିଷୟରେ ସଠିକ ଅବଗତ ନ ହୋଇ ମୁସଲମାନମାନଙ୍କ ବିରୋଧି ପାଲଟିଯାଇଛି । ସେ ଯାହା ହେଉ ନା କାହିଁକି ଆମେମାନେ ଦୁଆ ଓ ଉଦ୍ୟମ ସହିତ ଦୁନିଆକୁ ଅବଗତ କରାଇବା ଯେ, ଇସ୍‌ଲାମ୍ ର ବାସ୍ତବିକ ରୂପ କଣ ? ବିଗତ ଦିନରେ ପାଶ୍ଚାତ୍ୟ ନେତାମାନେ ଇସ୍‌ଲାମ୍ ବିରୁଦ୍ଧରେ ମୁକ୍ତ କଣ୍ଠରେ ମନ୍ତବ୍ୟ ପ୍ରକାଶ କରିଥିଲେ । କୌଣସି ନା କୌଣସି କାରଣ ବସତଃ ତଥା ଚାଟୁବାକ୍ୟ ପ୍ରୟୋଗ କରି ରାଜନୈତିକ ମନ୍ତବ୍ୟ ଓ ଭାଷଣ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଯଦି କୌଣସି ରାଜନେତାଙ୍କ ନାମ ଆସୁଛି ସେ ହେଉଛନ୍ତି ଫ୍ରାନ୍ସର ରାଷ୍ଟ୍ରପତି, ସେ ଇସ୍‌ଲାମ୍‌କୁ ଏକ ବିଶ୍ୱସଙ୍କଟ ଧର୍ମ ରୂପେ ବିବେଚିତ କରିଛନ୍ତି । କ୍ରାଇସେସ୍‌ର ଶିକାର ତ ସେମାନଙ୍କର ନିଜସ୍ୱ ଧର୍ମ ଅଟେ । ପ୍ରଥମତଃ ସେମାନେ କୌଣସି ଧର୍ମକୁ ଖାତିର କରୁନାହାନ୍ତି ଏବଂ ଖ୍ରୀଷ୍ଟଧର୍ମକୁ ଭୁଲ୍ କରି ବସିଛନ୍ତି । ଅଲ୍ଲାଃ ତାଲାଙ୍କ ଦୟାରୁ ଇସ୍‌ଲାମ୍ ଏକ ଜୀବନ୍ତ ଧର୍ମ ଅଟେ ଏବଂ ବିକଶିତ ଧର୍ମ ଅଟେ । ଅଲ୍ଲାଃ ତାଲା ପ୍ରତ୍ୟେକ ଯୁଗରେ ଏହାର ସୁରକ୍ଷା ଦାୟିତ୍ୱ ନିଜ ହସ୍ତରେ ବହନ କରିଛନ୍ତି । ଏ ଯୁଗରେ ମଧ୍ୟ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମାଧ୍ୟମରେ ଏହାର ପ୍ରଚାର ପ୍ରସାର ଚାଲିଛି ପ୍ରକୃତ କଥା ଏହି କି ଯେ, ଯେଉଁ ଇସ୍‌ଲାମୀୟ ବିରୋଧି ରାଷ୍ଟ୍ର କିମ୍ବା ଲୋକମାନେ ଅଛନ୍ତି ସେମାନେ ଏହିପରି ଆଚରଣ ପ୍ରଦର୍ଶନ କରୁଛନ୍ତି ଏବଂ ଗଣମାଧ୍ୟମକୁ ଭୁଲ୍ ପଥରେ ନେଇଚାଲିଛନ୍ତି । ଭୁଲ ସନ୍ଦେଶ ଓ ମନ୍ତବ୍ୟ ଦେଇ ତାଙ୍କ ପଥଭ୍ରଷ୍ଟ କରୁଛନ୍ତି ଓ ପାରସ୍ପରିକ ମଧ୍ୟରେ କଳହ ସୃଷ୍ଟି କରୁଛନ୍ତି । ଏକଥା ଜଣା ଯେ ମୁସଲମାନମାନଙ୍କ ମଧ୍ୟରେ ଆପୋଷରେ ଏକତା ନାହିଁ । ସେ ଯାହା ହେଉ ନା କାହିଁକି କାନାଡ଼ାର ପ୍ରଧାନମନ୍ତ୍ରୀଙ୍କୁ ମୁଁ ପ୍ରଶଂସା କରି କହିବି ଯେ, ସେ ସେମାନେ ଫ୍ରାନ୍ସର ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଉପରେ ଅତ୍ୟନ୍ତ ସୁନ୍ଦର ପ୍ରତିକ୍ରିୟା ପ୍ରଦର୍ଶନ କରିଛନ୍ତି ଯେ ଏ ସମସ୍ତ କଥା ମୂଲ୍ୟହୀନ ଅଟେ ଏବଂ ଏପରି କୌଣସି ଧର୍ମ କିମ୍ବା ଅନ୍ୟ ଧାର୍ମିକ ଭାବନା ଓ ଧାର୍ମିକ ନେତାଙ୍କର ଆବେଗକୁ ଅସମ୍ମାନ କରିବା ଭୁଲ ଅଟେ । ସେମାନଙ୍କର ଆବେଗକୁ ସମ୍ମାନ ଦେବା ଉଚିତ । ହଜୁର କହିଲେ: ଏପରି ହେଉ ପୃଥିବୀର ଅନ୍ୟ ରାଷ୍ଟ୍ର ରାଜନେତା ମଧ୍ୟ କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ଭଳି ଚିନ୍ତାଧାରା ରଖନ୍ତୁ ଓ ନିଜର ମତାମତ ଓ ପ୍ରତିକ୍ରିୟା ଧ୍ୟାନପୂର୍ବକ ପ୍ରକାଶ କରନ୍ତୁ । ସଂସାରରେ ଶାନ୍ତି ଓ ସ୍ଥିରତାକୁ ସ୍ଥାପନ କରନ୍ତୁ । ଏହି ଦୃଷ୍ଟିକୋଣରୁ କାନାଡ଼ାର ପ୍ରଧାନମନ୍ତ୍ରୀ ପ୍ରଶଂସାର ପାତ୍ର ଏବଂ ଆମମାନଙ୍କୁ ତାଙ୍କ ପାଇଁ ଦୁଆ କରିବା ଉଚିତ ଅଲ୍ଲାଃ ତାଲା ତାଙ୍କର ହୃଦୟକୁ ଉନ୍ମୁକ୍ତ ଓ ପରିବର୍ତନ କରନ୍ତୁ । ଆମିନ୍ । ।

ଏହା ସୁସ୍ପଷ୍ଟ ଯେ ମୁସଲମାନମାନଙ୍କ ମଧ୍ୟରେ ଏକତା ନାହିଁ ଯେଉଁ କାରଣରୁ ଏସବୁ ଘଟଣାମାନ ଘଟୁଅଛି । ପ୍ରତ୍ୟେକ ମୁସଲିମ୍ ରାଷ୍ଟ୍ର ଅନ୍ୟ ମୁସ୍‌ଲିମ୍ ରାଷ୍ଟ୍ର ବିରୋଦ୍ଧରେ ଛିଡ଼ା ହୋଇଛି ଓ ଅଂଟା ଭିଡ଼ିଛି । ଗୋଷ୍ଠୀବାଦ ବାହ୍ୟ ଜଗତର ଏହା ମୁସଲମାନମାନଙ୍କର ଏକତାକୁ ପରିଲକ୍ଷିତ କରୁଅଛି ଯଦି ସଂସାରବାସୀଙ୍କୁ ଏକଥା ଜଣାପଡ଼ନ୍ତା ଯେ, ମୁସଲମାନମାନେ ଏକ ଅଟନ୍ତି ସେମାନେ ଏକ ଈଶ୍ୱର, ଏକ ବାର୍ତାବହକଙ୍କୁ ମାନୁଛନ୍ତି ଓ ତାଙ୍କର ଅନୁସରଣ କରୁଛନ୍ତି ତାହାହେଲେ ସେମାନେ କଦାପି ଏଭଳି ପଦକ୍ଷେପ ବା ଏଭଳି ବକ୍ତବ୍ୟ ଦେବେ ନାହିଁ । କେବେ କୌଣସି ସମ୍ବାଦପତ୍ରକୁ ହଜୁର ସ:ଆ:ସଙ୍କ ବିରୁଦ୍ଧରେ ବ୍ୟଙ୍ଗଚିତ୍ର ପ୍ରକାଶିତ କରିବାକୁ ଦୁଃସାହାସ ହେବ ନାହିଁ । କିଛି ବର୍ଷ ପୂର୍ବେ ଡେନ୍‌ମାର୍କରେ ଓ ଫ୍ରାନ୍ସରେ ଯେଉଁ ବ୍ୟଙ୍ଗ ଚିତ୍ର ପ୍ରକାଶିତ ହୋଇଥିଲା ସେହି ସାମୟିକ ସ୍ୱର ଉତଳନ କରି ଓ ସେମାନଙ୍କର ଦ୍ରବ୍ୟ ବର୍ଜନ କରି ନ କିଣିବାର ଘୋଷଣା କରି ପୁଣି ନୀରବ ହୋଇ ବସିପଡ଼ିଲେ କିଛି ଫଳପ୍ରଦ ହେବନାହିଁ । କିଛି ମାସ ପରେ ନୀରବ ହୋଇଗଲେ ସମସ୍ତ କାର୍ଯ୍ୟ ସାମାନ୍ୟ ରୂପେ ଚାଲିଲା ସେ ସମୟରେ ଯମାତ୍ ଅହେମଦୀୟା ସଠିକ୍ ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲା ଅନ୍ୟ ମୁସଲମାନ ଗୋଷ୍ଠୀ ତୁଳନାରେ ଅହେମଦୀମାନେ ସେମାନଙ୍କ ଆଗରେ ହଜୁର ସ:ଆ:ସଙ୍କର ଜୀବନୀର ସୁନ୍ଦର ଛବି ଉପସ୍ଥାପନ କରିଥିଲେ । ଯାହାକୁ ଅନେକ ଶିକ୍ଷିତ ଗୋଷ୍ଠୀ ଓ ନେତାମାନେ ସାଧାରଣ ଜନତାମାନେ ମଧ୍ୟ ପ୍ରଶଂସା କରିଥିଲେ ଏବଂ ପସନ୍ଦ କରିଥିଲେ । ଆମେମାନେ ଆଜି ମଧ୍ୟ ସେହି କାର୍ଯ୍ୟ କରୁଅଛୁ ଏବଂ ଏହା କହୁଛୁ ଯେ, କେତେକ ବିକୃତ ମାନସିକ ରଖୁଥିବା ବ୍ୟକ୍ତି ଇସ୍‌ଲାମ୍‌ର ନାମକୁ ମାଟିରେ ମିଶାଇ ଦେବାକୁ ଚାହୁଁଛନ୍ତି । କୌଣସି ରାଷ୍ଟ୍ରପତିଙ୍କୁ ଏହି ଅଧିକାର ନାହିଁ ଯେ ସେ କୌଣସି ବ୍ୟକ୍ତିର ମନ୍ଦକର୍ମକୁ ଇସ୍‌ଲାମୀୟ ଶିକ୍ଷା ଓ ମୁସଲମାନ ପାଇଁ କ୍ରାଇସେସ୍‌ର ନାମ ଦେଇ ତାହା ସୁଚାଇବ ଯେ, ଇସ୍‌ଲାମ୍ ଧର୍ମ ଯୋଗୁଁ ଏ ସବୁ କ୍ରାଇସେସ୍ ହେଉଛି । ସେମାନଙ୍କ ବିରୋଧରେ ଆମେ ଯୁଦ୍ଧ ଘୋଷଣା କରୁଅଛୁ ଏବଂ ଆମେମାନେ ଏହି ଯୁଦ୍ଧ ଜାରି ରଖିବୁ । ଉକ୍ତ ମାନସିକ ବିକୃତ ମସ୍ତିଷ୍କ ବ୍ୟକ୍ତିଙ୍କୁ ଏମାନେ ହିଁ ଉସୁକାଉଛନ୍ତି ଯେପରି କି ମୁଁ ପୂର୍ବେ କହିଲି ଯେ ଏମାନେ ପ୍ରଥମେ ହଜୁର ସ:ଆ:ସଙ୍କ ବିରୋଧରେ ବ୍ୟଙ୍ଗଚିତ୍ର ପ୍ରସ୍ତୁତ କରି କିମ୍ବା ହଜୁର ସ:ଆ:ସଙ୍କର ଯେ କୌଣସି ଉପାୟରେ ବଦନାମ ଓ ମର୍ଯ୍ୟାଦା ହାନୀ କରିବାକୁ ଉଦ୍ୟମ କରୁଛନ୍ତି ଯାହାକି ଆମେ କଦାପି ସହ୍ୟ କରିବୁନାହିଁ ଏବଂ କେତେକ ମୁସଲମାନମାନଙ୍କର ଆବେଗକୁ ଏଭଳି ଉତେଜିତ କରିବାକୁ ଚାହୁଁଛନ୍ତି ଯାହାର ଆମେ ପ୍ରତିବାଦ କରିବୁ, ବିରୋଧ ପ୍ରଦର୍ଶନ ଏଭଳି ଆକାରରେ ପ୍ରଦର୍ଶନ କରିବୁ କିନ୍ତୁ କୌଣସି ଆଇନ୍‌କୁ ନିଜ ହାତକୁ ନେବୁ ନାହିଁ ବା ଆଇନ୍ ଭଙ୍ଗ କରିବୁ ନାହିଁ । ସେ ହେଉଛନ୍ତି ସେହି ରାଷ୍ଟ୍ର କିମ୍ବା ନାମକୁ ମାତ୍ର ସ୍ୱାଧିନତା ଯାହାକୁ ଫ୍ରିଣ୍ଡମ୍ ଏକ୍ସ୍‌ପ୍ରେସନର ନାମ ଦେଇ ପ୍ରକାଶିତ ଚିନ୍ତାଧାରାର ନାମ ଦିଆଯାଇଛି । ସେ ଯାହା ହେଉ ନା କାହିଁକି ଏହି ଅଣମୁସ୍‌ଲିମ୍ ଜଗତ ଏମାନଙ୍କର ଆବେଗକୁ ଉତେଜିତ କରିବାପାଇଁ ମୁଖ୍ୟ ରୂପେ ଦାୟୀ ମୁଁ ସେତେବେଳେ ମଧ୍ୟ ଉକ୍ତ ପ୍ରସଙ୍ଗରେ ପ୍ରଥମଥର କରି ନିଜ ଖୁତ୍‌ବାରେ କହିଥିଲି ଏବଂ ବର୍ତମାନ ମଧ୍ୟ ସ୍ୱର ଉତଳନ କରୁଅଛି ଏବଂ ଖୁତ୍‌ବାରେ ଏହି ପରମ୍ପରାରେ ସଠିକ୍ କର୍ମମୂଳକ ପ୍ରତିକ୍ରିୟାର ସ୍ପଷ୍ଟିକରଣ କରିଦେଉଛି ଯେ, ଆମମାନଙ୍କୁ କେଉଁଭଳି ପ୍ରତିକ୍ରିୟା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି । ଯେପରି ମୁଁ କହିଲି ଏପରି କରିବା ଦ୍ୱାରା ଲୋକମାନଙ୍କ ଉପରେ ଭଲ ପ୍ରଭାବ ମଧ୍ୟ ପଡ଼ିବ ଏବଂ ପୂର୍ବେ ମଧ୍ୟ ପଡ଼ିଥିଲା ଏଭଳି କାର୍ଯ୍ୟ ଓ ପରମ୍ପରାକୁ ଆମେ ବର୍ତମାନ ସୁଦ୍ଧା ଅଭ୍ୟାହତ ରଖିଛୁ ।

ଏହପରି ମନ୍ତବ୍ୟ ହଲାଣ୍ଡର ରାଜନେତା ମଧ୍ୟ ଦେଇଥିଲେ । ମୁଁ ବି ସେତେବେଳେ ହଲାଣ୍ଡରେ ଏକ ଖୁତ୍‌ବା ଦେଇଥିଲି ଓ ତାଙ୍କୁ ଅଲ୍ଲାଃ ତାଲାଙ୍କ ଦଣ୍ଡ ବିଷୟରେ କହି ଭୟଭୀତ କରାଇଥିଲି । ହଲାଣ୍ଡର ସରକାରଙ୍କୁ ହଜୁର ସ:ଆ:ସଙ୍କ ବିରୋଧରେ ଏଭଳି ବ୍ୟଙ୍ଗଚିତ୍ର ପ୍ରଦର୍ଶନ ନ କରିବାପାଇଁ ଅନୁରୋଧ କରିଥିଲି । ମୋ ବିରୁଦ୍ଧରେ ସେହି ବ୍ୟକ୍ତି ମୃତ୍ୟୁର ଧମକ ଦେଇଥିଲା, ହତ୍ୟା କରିବାର ଧମକ ଦେଇଥିଲା ଏବଂ ହଲାଣ୍ଡ ସରକାରଙ୍କୁ କହିଥିଲା ଯେ ଏ ବ୍ୟକ୍ତିକୁ ଏଠାକୁ ଆସିବାକୁ ତାଙ୍କ ଉପରେ କଟକଣା ଲଗାଇବା ଉଚିତ ବରଂ ଏଭଳି ବ୍ୟକ୍ତି ବିରୁଦ୍ଧରେ ମାନହାନୀର ମୋକଦ୍ଦମା ଦରଜ କରିବା ଉଚିତ । ତେବେ ସେ ଯାହା ହେଉ ନା କାହିଁକି ଆମେମାନେ ଆଇନ ପରିସର ମଧ୍ୟରେ ରହି ଇସ୍‌ଲାମ୍ ଓ ହଜୁର ସ:ଆ:ସଙ୍କ ମର୍ଯ୍ୟାଦା ହାନୀ ବିରୁଦ୍ଧରେ ଉତର ଦେଉଛୁ ଏବଂ ଆଗକୁ ମଧ୍ୟ ଦେଉଥିବୁ ଏବଂ ଏହାର ପ୍ରଭାବ ମଧ୍ୟ ଦେଖାଦେଇଥାଏ ଏବଂ ଏହି ସମାଧାନ ଉପସ୍ଥାପିତ କରୁଛୁ ଯେ, ଆଇନ୍ ପରିସର ମଧ୍ୟରେ ରହି ଆମକୁ ପ୍ରତ୍ୟେକ ପାଦ ଉଠାଇବାକୁ ହେବ । ଏହାଠୁ ବି ଅଧିକ ଭାବରେ ଆମମାନଙ୍କୁ ହଜୁର ସ:ଆ:ସଙ୍କ ଉପରେ ଦରୁଦ୍ ଶରିଫ୍ ପ୍ରେରଣ କରିବାର ଆବଶ୍ୟକତା ରହିଛି ଏବଂ ବିଗତ ଅନେକ ଖୁତ୍‌ବାରେ ମୁଁ ଉକ୍ତ କଥାପ୍ରତି ଆହ୍ୱାନ ଦେଇଆସିଛି ଏବଂ ଆମମାନଙ୍କ ବିରୁଦ୍ଧରେ ଅଣଅହେମଦୀମାନଙ୍କ କଟୁଭାଷଣ ସତ୍ୱେ ଆମେମାନେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାର ଆଲୋକରେ ନିଜର କର୍ତବ୍ୟ ସମ୍ପାଦନ କରିଚାଲିଛୁ ଏବଂ କରିଚାଲିଥିବୁ ଇନ୍‌ଶାଅଲ୍ଲାଃ ତାଲା ।

ଜଣେ କିମ୍ବା ଦୁଇଜଣ ବ୍ୟକ୍ତିକୁ ହତ୍ୟାକଲେ ସାମୁହିକ ଆବେଗ ତ ଦୂରିଭୁତ ହୋଇନଥାଏ । ଏବଂ ତାହା କୌଣସି ସ୍ଥାୟୀ ସମାଧାନ ନୁହେଁ । ମୁସ୍‌ଲିମ୍ ସମ୍ପ୍ରଦାୟ ଯଦି ସ୍ଥାୟୀ ସମାଧାନ ଚାହୁଁଛି ତାହେଲେ ସମସ୍ତ ମୁସଲମାନମାନଙ୍କୁ ଏକ୍‌ଜୁଟ ହେବାକୁ ପଡ଼ିବ । ଏବେ ମଧ୍ୟ ଫ୍ରାନ୍ସର ରାଷ୍ଟ୍ରପତିଙ୍କ ଉତରରେ ତୁର୍କୀ ରାଷ୍ଟ୍ରପତି ନିଜର ମନ୍ତବ୍ୟ ରଖିଛନ୍ତି ସେହିପରି ଆଉ ଗୋଟିଏ ଦୁଇଟି ରାଷ୍ଟ୍ର ମଧ୍ୟ ନିଜର ପ୍ରତିକ୍ରିୟା ରଖିଛନ୍ତି । ଏବେ ସମଗ୍ର ମୁସଲମାନ ରାଷ୍ଟ୍ର ସମୁହକୁ ନିଜର ପ୍ରତିକ୍ରିୟା ଦ୍ୱାରା ତାଙ୍କ ଉପରେ ଚାପ ପକାଇବା ଉଚିତ । ଗୋଟିଏ ଦୁଇଟି ଦେଶ ନିଜର ପ୍ରତିକ୍ରିୟା ପ୍ରକାଶ କଲେ ସେଥିରେ କିଛି ହେବନାହିଁ । ଯେପରି କି କୁହାଯାଏ ଯେ ତୁର୍କୀ ଆଦି ରାଷ୍ଟ୍ରପତିଙ୍କ ପ୍ରତିକ୍ରିୟା ଯୋଗୁଁ ଫ୍ରାନ୍ସର ରାଷ୍ଟ୍ରପତି ନିଜର ମତକୁ ପରିବର୍ତନ କରିଛନ୍ତି ଏବଂ ଟିକିଏ ହାଲୁକା ବା କୋମଳ ବଚନ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମହାନ ବଦ୍‌ରି ସାହାବା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ଏବଂ ହଜ୍‌ରତ୍ ସମାକ ବିନ୍ ଖରଶା (ଅବୁ ହୁଜାନାଃ) ର:ଅଙ୍କ ସୁଗୁଣର ଚର୍ଚ୍ଚା ।

ଚାରିଜଣ ମୃତକ ଶ୍ରୀମାନ୍ ମହ୍‌ମୁଦ୍ ଖାନ୍ ସାହେବ୍ (ଶହୀଦ୍) ପେଶାୱର ପାକିସ୍ତାନ ଶ୍ରୀମାନ୍ ଫଖର୍ ଅହ୍‌ମଦ୍ ଫରଖ୍ ସାହେବ ମୁରବୀ ସିଲ୍‌ସିଲା ପାକିସ୍ତାନ ଓ ତାଙ୍କ ସୁପୁତ୍ର ଅଜିଜମ୍ ଏହ୍‌ତେଶାମ୍ ଅହମଦ୍ ଅବ୍‌ଦୁଲ୍ଲାଃ ଏବଂ ଶ୍ରୀମାନ୍ ଡ଼ାକ୍ତର ଅବ୍‌ଦୁଲ୍ କରିମ୍ ସାହେବ୍ ଇକୋନୋମିକ୍ ଆଡ଼ଭାଇଜର ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୩ ନଭେମ୍ବର ୨୦୨୦ ଅନୁଯାୟୀ ୧୩ ନବୁଓ୍ୱତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ବଦ୍‌ରି ସାହାବିଙ୍କ ଚର୍ଚ୍ଚାରେ ସର୍ବପ୍ରଥମେ ମୁଁ ଏକ ସ୍ପଷ୍ଟିକରଣ କରିବାକୁ ଚାହେଁ ଯେ ଦୁଇ ଖୁତ୍‌ବା ପୂର୍ବରୁ ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅଙ୍କ ଜୀବନୀ ଚର୍ଚ୍ଚା କରୁଥିଲି ସେଥିରେ ମୁସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍‌ର ଏକ ବର୍ଣ୍ଣନା ଯାହାକି ପ୍ଲେଗ ରୋଗ ସଂକ୍ରାନ୍ତରେ ଆଲୋଚନା କରିଥିଲି ଯେ ହଜୁର ସ:ଆ:ସ କହିଲେ, ଖୁବ୍ ନିକଟରେ ତୁମେ ସିରିୟା ଆଡ଼କୁ ପ୍ରବାଶ କରିବ ଏବଂ ସେହି ଦେଶ ତୁମ ହସ୍ତରେ ବିଜୟ ହେବ କିନ୍ତୁ ସେଠାରେ ତୁମେ ବଠର ଏକ ରୋଗରେ ଆକ୍ରାନ୍ତ ହେବ ଯାହାକି ମନୁଷ୍ୟର ଶରୀରର ନିମ୍ନଭାଗକୁ ଆକ୍ରାନ୍ତ କରିବ । ଏହି ଅନୁବାଦ ନିର୍ଭୁଲ ଭାବରେ ହୋଇପାରିନଥିବାରୁ ଏକଥା ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ କି ତାହାର ସଠିକ୍ ଅନୁବାଦ ଏପରି ଅଟେ ।

ଇସ୍‌ମାଇଲ୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ଏକଥା କହୁଥିବାର ଶୁଣିଲି ଯେ ତୁମେ ସିରିୟା ଆଡ଼କୁ ହିଜ୍‌ରତ୍ କରିବ ଏବଂ ସେହି ଦେଶ ତୁମ ହସ୍ତରେ ବିଜୟ ହେବ କିନ୍ତୁ ସେଠାରେ ତୁମ ଏକପ୍ରକାର ରୋଗରେ ଆକ୍ରାନ୍ତ ହୋଇଯିବ ଯାହାକି ବଥ, ଅବା ଭିଷଣ ଯକ୍ଷ୍ମ କଲାପରି ରୋଗ ହେବ ଯାହାକି ମନୁଷ୍ୟର ନାଭିର ନିମ୍ନଭାଗରେ ବାହାରିବ ବର୍ତମାନ ଏହା ଆଲୋଚନା ଯୋଗ୍ୟ ଯେ ଏହି ଅନୁବାଦ କି ଶରୀର ନିମ୍ନଭାଗରୁ ବ୍ୟାଧିର ପାଦୁର୍ଭାବ ହେବ ଭୁଲ୍ କରାଯାଇଥିଲା ବାସ୍ତବ ପକ୍ଷେ ତାହା ଯେପରି କି ମୁଁ କହିଲି କି ମନୁଷ୍ୟର ନାଭିର ନିମ୍ନଭାଗରେ ବାହାରିବ ଅର୍ଥାତ ଗୋଡ଼ ଉପରୁ ଶରୀରର ମଧ୍ୟଭାଗ ଏହି ରୋଗରେ ଆକ୍ରାନ୍ତ ହେବ । ଆପଣ କହିଲେ ଏତଦ୍‌ଦ୍ୱାରା ପ୍ରଭୁ ଲୋକମାନଙ୍କୁ ଶହୀଦ ହେବାର ଅବସର ପ୍ରଦାନ କରିବେ ଏବଂ ସେମାନଙ୍କ ଅମଲକୁ ପବିତ୍ର କରିବେ ସେଥିଅନ୍ତେ ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅ ଦୁଆ କଲେ ହେ ପ୍ରଭୁ ଯଦି ତୁମେ ଜାଣ ଯେ ଏକଥା ମୁଁ ହଜୁର ସ:ଆ:ସଙ୍କ ତୁଣ୍ଡରୁ ଶୁଣିଛି ତେଣୁ ମୋ ପରିବାର ବର୍ଗଙ୍କୁ ଏହାର ପ୍ରତିଫଳର ବଡ଼ ଅଂଶ ପ୍ରଦାନ କର । ଏତଦ୍ ଦ୍ୱାରା ସେ ସମସ୍ତଙ୍କୁ ପ୍ଲେଗ ରୋଗ ହୋଇଯାଇଥିଲା ଅର୍ଥାତ ତାଙ୍କ ପରିବାରବର୍ଗଙ୍କ ସମସ୍ତ ସଦସ୍ୟଙ୍କୁ ଏହି ରୋଗ ଆକ୍ରାନ୍ତ କରିଥିଲା । ଏପରି କି ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ସେଥିରୁ ଜୀବିତ ବର୍ତି ନଥିଲେ । ଆପଣଙ୍କ ସାହାଦତ୍‌ର ଆଙ୍ଗୁଳିରେ ପ୍ଲେଗ୍‌ର ବଥ ବାହାରିଥିଲା । ଏଥିରେ ସେ କହିଲେ ମୁଁ କଦାପି ପ୍ରସନ୍ନିତ ହେବିନାହିଁ ଯେ ମତେ ଏହି ରୋଗ ପ୍ରତିବଦଳରେ ମତେ ଏକ ଲାଲି ଓଟ ମିଳୁ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃ-୩୭୧...... ହଦିସ୍-୨୨୪୩୯..... ବେରୁତ)***

ତେବେ ଏହି ସୁଦ୍ଧିକରଣ ଥିଲା ଯାହାକି ପୂର୍ବ ତ୍ରୁଟିର ମୁଁ ଆଲୋଚନା କରିବାକୁ ଚାହୁଁଥିଲି । ଯଦିଚ ଅଲ୍‌ଫଜଲ୍‌ରେ ସେହି ତ୍ରୁଟି ସହ ତାହା ପ୍ରକାଶିତ ହୋଇସାରିଛି ତଥାପି ମୁଁ ଏଠାରେ ଆଲୋଚନା କରିଦେଲି ଆପଣମାନଙ୍କ ସମ୍ମୁଖରେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ବର୍ତମାନ ତାଙ୍କ ଜୀବନୀର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ଓ୍ୱହଦ୍ ଯୁଦ୍ଧ ଦିନ ମୋର ପିତା ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଏହି ଅବସ୍ଥାରେ ଅଣାଗଲେ ଯେ, ତାଙ୍କ ମୁଖମଣ୍ଡଳର ଅଙ୍ଗପ୍ରତ୍ୟେଙ୍ଗକୁ ବିକୃତ କରିଦିଆଯାଇଥିଲା । ବିଶେଷକରି ତାଙ୍କର କାନ ଓ ନାକକୁ ବିକୃତ କରିଦିଆଯାଇଥିଲା ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ପାର୍ଥିବ ଶରୀରକୁ ହଜୁର ସ:ଆ:ସଙ୍କ ସମ୍ମୁଖରେ ରଖାଗଲା ସେତେବେଳେ ମୁଁ ତାଙ୍କର କପଡ଼ା ଉଠାଇବାକୁ ଚେଷ୍ଟା କଲି ତ ଲୋକମାନେ ମତେ ଏପରି କରିବାକୁ ବାରଣ କଲେ ଏହାପରେ ଲୋକମାନେ ଏକ ମହିଳାର ଚିତ୍କାର ଶୁଣିଲେ ତେବେ କୌଣସି ଏକ ଲୋକ କହିଲା ସେ ହେଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ସୁପୁତ୍ରୀ ଯାହାଙ୍କ ନାମ ହଜ୍‌ରତ୍ ଫାତିମା ବିନ୍‌ତେ ଉମ୍‌ରୋ । ଅନ୍ୟ ଏକ ବର୍ଣ୍ଣନାରେ ଏହା କୁହାଯାଇଛି ଯେ, ସେହି ଚିତ୍କାର ଶବ୍ଦଟି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଭଉଣୀଙ୍କର ଥିଲା । ପ୍ରତିଉତରରେ ହଜୁର ସ:ଆ:ସ କହିଲେ କାନ୍ଦ ନାହିଁ ଝିଅ କାରଣ ଈଶ୍ୱର ଦୁତ ଅର୍ଥାତ ଦେବଦୂତମାନେ ଅହରହ ଉକ୍ତ ମୃତ୍ୟୁବ୍ୟକ୍ତି ଉପରେ ନିଜ ଡ଼େଣାର ପର ଜରିଆରେ ଛାଇ କରି ଢ଼ାଙ୍କି ରହିଛନ୍ତି । ***(ଅଲ୍‌ଇସ୍ତିୟାବ୍, ଖଣ୍ଡ-୩, ପୃ-୯୫୪-୯୫୫....... ବେରୁତ ୧୯୯୨)***

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ କୁହନ୍ତି ମୋ ପିତାଙ୍କୁ ଯେତେବେଳେ ଓ୍ୱହଦ୍ ଯୁଦ୍ଧ ପରେ ଅଣାଗଲା ତାଙ୍କୁ ଦେଖି ମୋ ଫୁଫୁ ରୋଦନ କଲେ ତାଙ୍କୁ ଦେଖି ମୁଁ ମଧ୍ୟ ରୋଦନ କରିବା ଆରମ୍ଭ କଲି । ମତେ ଏପରି ନ କରିବାକୁ ବାରଣ କଲେ ଲୋକମାନେ କିନ୍ତୁ ହଜୁର ସ:ଆ:ସ ମତେ ମନାକଲେ ନାହିଁ । ପୁନଶ୍ଚ ହଜୁର ମଧ୍ୟ କହିଲେ ତୁମେ ତାଙ୍କ ଉପରେ କ୍ରନ୍ଦନ କରନାହିଁ । ପ୍ରଭୁଙ୍କ ଦେବଦୂତମାନେ ତାଙ୍କ ଉପରେ ନିଜ ପର ଦ୍ୱାରା ଆବୃତି କରି ରଖିଥିଲେ ଯେପର୍ଯ୍ୟନ୍ତ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଯାଇନାହିଁ ।

***(ଅଲ୍‌ଇସ୍ତିୟାବ୍, ଖଣ୍ଡ-୩, ପୃ-୯୫୬....... ବେରୁତ ୧୯୯୨)***

ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବାଙ୍କ ସମ୍ପର୍କରେ ଅନେକ ମତାମତ ରହିଛି । ସହି ବୁଖାରୀର ବର୍ଣ୍ଣନାରେ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କୁ ନା ସ୍ନାନ ଦିଆଯାଇଥିଲା ନା ହିଁ ତାଙ୍କର ନମାଜ ଯନାଜାଃ ପଢ଼ାଯାଇଥିଲା । ସହି ବୁଖାରୀର ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହଜୁର ସ:ଆ:ସ ଓ୍ୱହଦ୍ ଯୁଦ୍ଧର ବୀରଗତି ପ୍ରାପ୍ତକାରୀଙ୍କ ନମାଜ ଯନାଜାଃ ଦୀର୍ଘ ଆଠ ବର୍ଷ ପରେ ପଢ଼ାଇଥିଲେ ।

***(ସହି ବୁଖାରୀ କିତାବୁଲ୍ ଯନାଇଜ୍......... ହଦିସ୍ ନଂ-୧୩୪୪)***

ସନନ୍ ଇବ୍‌ନେ ମାଜାରେ ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ଦଶ ଦଶଜଣ ବୀରଗତି ପ୍ରାପ୍ତ କାରୀଙ୍କ ନମାଜ ଯନାଜାଃ ପଢୁଥିଲେ ଏବଂ ହଜ୍‌ରତ୍ ହମ୍‌ଜାଙ୍କ ପାର୍ଥୀବ ଶରିରର ହଜୁର ସ:ଆ:ସଙ୍କ ପାଖରେ ହିଁ ଉପସ୍ଥିତ ରହିଥିଲା ।ଏହାର ଅପରପକ୍ଷରେ ଅନ୍ୟ ବୀରଗତି ପ୍ରାପ୍ତିକାରୀଙ୍କ ପାର୍ଥୀବ ଶରୀରକୁ ଅଣାଯାଇ ହଜ୍‌ରତ୍ ହମ୍‌ଜାଙ୍କ ପାର୍ଥୀବ ଶରୀର ସହ ସେମାନଙ୍କର ନମାଜ ଯନାଜାଃ ପାଠ କରାଯାଉଥିଲା ଏବଂ ହଜ୍‌ତର୍ ହମ୍‌ଜାଙ୍କ ଯନାଜାଃ ରଖାଯାଇ ଅନ୍ୟ ଶବଗୁଡ଼ିକୁ ନିଆଯାଉଥିଲା ଓ ସେହି ସ୍ଥାନରେ ଯନାଜାଃ ପଢ଼ାଯାଇଥିବା ଶବଗୁଡ଼ିକୁ ଅଣାଯାଇ ରଖାଯାଉଥିଲା । ***(ସୁନନେ ଇବ୍‌ନେ ମାଜା...... ହଦିସ୍ ନଂ-୧୫୧୩)***

ସନନ୍ ଇବ୍‌ନେ ଦାଉଦ୍‌ରେ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ହମ୍‌ଜା ର:ଅଙ୍କ ତାଙ୍କର ରକ୍ତାକ୍ତ ଓ କ୍ଷତଚିହ୍ନ ଥିବା ଅବସ୍ଥାରେ ଓ ସେ ଯେଉଁ ଜାମା ପରିଧାନ କରିଥିଲେ, ସେଥି ସହିତ ସେମାନଙ୍କ ନମାଜ ଯନାଜାଃ ପଢ଼ାଯାଇ ତାଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ସମ୍ପନ୍ନ କରାଯାଇଥିଲା ।

***(ସୁନନେ ଅବୁ ଦାଉଦ୍...... ହଦିସ୍ ନଂ-୩୧୩୫)***

ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ୍.ଏ ଉଲ୍ଲେଖ କରିଛନ୍ତି ଯେ, ଶୋହଦାଙ୍କ ନମାଜ ଯନାଜାଃ ସେତେବେଳେ ହୋଇନଥିଲା କିନ୍ତୁ

ହୁଜୁର ସ:ଆ:ସଙ୍କ ବିୟୋଗର ନିକଟବର୍ତୀ ସମୟରେ ବିଶେଷକରି ଓ୍ବହଦ୍‌ରେ ବୀରଗତି ପ୍ରାପ୍ତ କରିଥିବା ସାହାବାଙ୍କ ନମାଜ ଯନାଜାଃ ପଢ଼ାଯାଇଥିଲା । ସନନ୍ ଅବୁ ଦାଉଦ୍‌ରେ ଏକ ଆଲେଖ୍ୟ ରହିଛି ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ହୁଜୁର ସ:ଆ:ସ ହଜ୍‌ରତ୍ ହମ୍‌ଜାଙ୍କ ଯନାଜାଃ ବ୍ୟତିତ ଅନ୍ୟ କୌଣସି ଶହୀଦଙ୍କର ଯନାଜାଃ ପାଠ କରିନଥିଲେ । ***(ସୁନନେ ଅବୁ ଦାଉଦ୍...... ହଦିସ୍ ନଂ-୩୧୩୭)***

ସିରତ୍ ଇବ୍‌ନେ ହିଶାମ୍ ଓ ସିରତ୍ ହଲ୍‌ବିୟାରେ ଦରଜ ରହିଛି ଯେ, ହୁଜୁର ସ:ଆ:ସ ଓ୍ବହଦ୍‌ର ଶହୀଦମାନଙ୍କ ଯନାଜାଃ ଏଭଳି ପାଠ କଲେ କି ସର୍ବପ୍ରଥମେ ହମ୍‌ଜାଙ୍କ ଯନାଜାଃ ପାଠ କରାଗଲା । ଯେଉଁଥିରେ ଆପଣ ସାତଟି ତକ୍‌ବିର୍ କହିଥିଲେ କିନ୍ତୁ ସିରତ୍ ହଲ୍‌ବିୟା ଅନୁଯାୟୀ ଆପଣ ଚାରୋଟି ତକ୍‌ବିର୍ କହିଥିଲେ । ସେଥିଅନ୍ତେ ବାକି ଶହୀଦମାନଙ୍କୁ ଜଣ ଜଣ କରି ଅଣାଯାଉଥିଲା ଏବଂ ହଜ୍‌ରତ୍ ହମ୍‌ଜାଙ୍କ ମରଶରୀର ସହିତ ରଖା ଯାଉଥିଲା । ହୁଜୁର ସେହି ଦୁହିଁଙ୍କ ଯନାଜାଃ ପାଠ କରିଥିଲେ । ଏପରି ସମସ୍ତ ଶହୀଦମାନଙ୍କ ଯନାଜାଃ ଥରେ ପାଠ କରିବା ସ୍ଥଳେ ହଜ୍‌ରତ୍ ହମ୍‌ଜା ର:ଅଙ୍କର ଯନାଜାଃ ୭୨ ଥର ଏବଂ ଆଉ କେତେକ ବର୍ଣ୍ଣନା ଅନୁଯାୟୀ ୯୨ଥର ପାଠ କରାଯାଇଥିଲା । ***(ସିରତ୍ ଇବ୍‌ନେ ହୁଶାମ୍, ପୃ-୩୯୫-୩୯୬....... ବେରୁତ ୨୦୦୯) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୩୩୭...... ବେରୁତ ୨୦୦୨)***

ସିରତ୍‌ର ଗୋଟିଏ ପୁସ୍ତକ ଦଲାଇଲ୍ ନବୁଓ୍ବାରେ ଉଲ୍ଲେଖ ରହିଛି ହଜ୍‌ରତ୍ ହମ୍‌ଜାଙ୍କ ମରଶରୀର ନିକଟକୁ ନଅଜଣ ଶହୀଦଙ୍କ ମର ଶରୀର ଅଣାଯାଇ ରଖାଯାଉଥିଲା ଏବଂ ସେମାନଙ୍କ ନମାଜ ଯନାଜାଃ ପାଠ କରାଯାଉଥିଲା ଏବଂ ସେମାନଙ୍କୁ ନେଇ ଯାଇ ଆଉ ନଅଜଣ ଶହୀଦଙ୍କ ମରଶରୀର ଅଣାଯାଇ ହଜ୍‌ରତ୍ ହମ୍‌ଜାଙ୍କ ସାଥିରେ ରଖାଯାଉଥିଲା ଏପରି ଭାବରେ କ୍ରମାଗତ ଭାବରେ ସମସ୍ତ ଶହୀଦମାନଙ୍କ ନମାଜ ଯନାଜାଃ ପାଠ କରାଯାଉଥିଲା ଏବଂ ପ୍ରତ୍ୟେକ ଥର ହୁଜୁର ସ:ଆ:ସ ସାତଥର ତକ୍‌ବିର କହିଥିଲେ । ***(ଦଲାଇଲୁନ୍ ନବୁଓ୍ବା, ଖଣ୍ଡ-୩, ପୃ-୨୮୭.......ବେରୁତ ୨୦୦୨)***

ସିରତ୍ ହଲ୍‌ବିୟା ଓ ଦଲାଇଲ୍ ନବୁଓ୍ବାରେ ଏହି ପ୍ରସଙ୍ଗରେ ବିତର୍କ ରହିଛି ଏବଂ ଉଭୟ ପୁସ୍ତକରେ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ବର୍ଣ୍ଣନା ରହିଛି କି ହୁଜୁର ସ:ଆ:ସ ଓ୍ବହଦ୍‌ର ଶହୀଦମାନଙ୍କୁ ସେମାନଙ୍କ ରକ୍ତରଞ୍ଜିତ ବସ୍ତ୍ର ସହିତ ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରୀୟା ସମ୍ପନ୍ନ କରିବାକୁ ଆଦେଶ ଦେଇଥିଲେ, ନା ସେମାନଙ୍କୁ ସ୍ନାନ କରାଯାଇଥିଲା, ନା ସେମାନଙ୍କ ନମାଜ ଯନାଜାଃ ପାଠ କରାଯାଇଥିଲା । ***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୩୩୮......... ବେରୁତ ୨୦୦୨)(ଦଲାଇଲୁଲ୍ ନବୁଓ୍ବାଃ, ଖଣ୍ଡ-୩, ପୃ-୨୮୭-୨୮୮..... ବେରୁତ ୨୦୦୨) (ସହି ବୁଖାରୀ.......ହଦିସ୍ ନଂ-୧୩୪୩)***

ହଜ୍‌ରତ୍ ଇମାମ୍ ସାଫି ବର୍ଣ୍ଣନା କରନ୍ତି ଅଧିକ ସ୍ୱୀକାର ଯୋଗ୍ୟ ମନେ ହେଉଛି କି ନବୀ କରିମ୍ ସ:ଆ:ସ ଓ୍ବହଦ୍ ଯୁଦ୍ଧର ଶହୀଦମାନଙ୍କର ଯନାଜାଃ ପାଠ କଲେନାହିଁ ଏବଂ ଯେଉଁ ଆଲେଖ୍ୟର ଆଲୋଚନା ହେଉଛି କି ସେହି ଶହୀଦମାନଙ୍କ ଯନାଜାଃ ପାଠ କରିଥିଲେ ଏବଂ ହଜ୍‌ରତ୍ ହମ୍‌ଜାଃଙ୍କ ପାଇଁ ସତୁରୀଟି ତକ୍‌ବିର୍ କହିଥିଲେ, ଏହା ସଠିକ୍ ନୁହେଁ ଏବଂ ଯେ ପର୍ଯ୍ୟନ୍ତ ହଜ୍‌ରତ୍ ଉକ୍‌ବାଙ୍କ ବର୍ଣ୍ଣନା ରହିଛି ସେଥି ସଂକ୍ରାନ୍ତରେ ସ୍ମରଣ ରହୁ ଯେ ହୁଜୁର ସ:ଆ:ସ ଉକ୍ତ ଘଟଣାର ଆଠ ବର୍ଷ ପରେ ସମ୍ପୃକ୍ତ ଶହୀଦମାନଙ୍କ ଯନାଜାଃ ପାଠ କରିଥିଲେ । ***(ଫତହୁଲ୍ ବାରି ଶରହ୍ ସହି ବୁଖାରୀ ଅଲ୍ଲାମାଃ ଇବ୍‌ନେ ହଜ୍‌ରେ ଅସ୍‌କଲାନି ଖଣ୍ଡ-୩, ପୃ-୨୪୯........ କାହିରାଃ ୧୯୮୬)***

ଯେପରି କି ମୁଁ କହିଲି ଏହି ପ୍ରସଙ୍ଗରେ ଅନେକ ତର୍କବିତର୍କ ହୋଇଛି ସେଥିମଧ୍ୟରୁ କିଛି ଏଠାରେ ମୁଁ ଉପସ୍ଥାପନ କରିଦେଉଛି ।

ଇମାମ୍ ବୁଖାରୀ ନିଜ ପୁସ୍ତକ **ବାବୁସ୍ ସଲାତ୍ ଅଲଶ୍ ଶହୀଦ୍** ଅର୍ଥାତ ଶହୀଦମାନଙ୍କ ନମାଜ ଯନାଜାଃ ବିଷୟବସ୍ତୁକୁ ନେଇ ଏକ ହଦୀସ୍ ଉଲ୍ଲେଖ କରିଛନ୍ତି ପ୍ରଥମ ହଦୀଶ ଯାହାକି ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ବର୍ଣ୍ଣନା ଅଟେ । ସେଥିରେ ସ୍ପଷ୍ଟଭାବରେ ଦର୍ଶାଯାଇଛି ଯେ, ଓ୍ବହଦ୍ ଯୁଦ୍ଧର ଶହୀଦମାନଙ୍କୁ ସେମାନଙ୍କର ରକ୍ତରଞ୍ଜିତ ବସ୍ତ୍ରରେ ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ନା ସେମାନଙ୍କୁ ସ୍ନାନ ଦିଆଯାଇଥିଲା, ନା ସେମାନଙ୍କ ଯନାଜାଃ ପାଠ କରାଯାଇଥିଲା । ଦ୍ୱିତୀୟ ହଦିସ୍ ହଜ୍‌ରତ୍ ଉକ୍‌ବା ବିନ୍ ଆମିର୍ ର:ଅଙ୍କ ବର୍ଣ୍ଣନା ଅଟେ, କି ଏକଦା ହୁଜୁର ସ:ଆ:ସ ବାହାରକୁ ବାହାରିଲେ ଏବଂ ଓ୍ବହଦ୍‌ର ଶହୀଦମାନଙ୍କ ନମାଜ ଯନାଜାଃ ପରି ଯନାଜାଃ ପାଠ କଲେ । ଏହା ବୁଖାରୀରେ ଦରଜ ରହିଛି ।

ଆଉ ଏକ ସ୍ଥଳେ ସମାନ କଥା ଓ୍ବହଦ୍ ଯୁଦ୍ଧ ପ୍ରବନ୍ଧରେ ମଧ୍ୟ ଦରଜ ରହିଛି । ସେଠାରେ ସମ୍ପୃକ୍ତ ସାହାବି ବର୍ଣ୍ଣନା କରନ୍ତି । ହୁଜୁର ସ:ଆ:ସ ଓ୍ବହଦ୍‌ର ଶହୀଦମାନଙ୍କ ଦେହାନ୍ତର ଆଠବର୍ଷ ପରେ ଏପରି ନମାଜ ଯନାଜାଃ ପାଠ କଲେ ଯେପରି ଏକ ଉପସ୍ଥିତ ଯନାଜାଃର ନମାଜ ପାଠ କରାଯାଇଥାଏ । ***(ସହି ବୁଖାରୀ, କିତାବୁଲ୍ ଯନାଇଜ୍....... ହଦିସ୍- ୧୩୪୩-୧୩୪୪) (ସହି ବୁଖାରୀ..... ହଦିସ୍ ନଂ-୪୦୪୨)***

ଏହିପରି ଅଲାମା ଇବ୍‌ନେ ହିଜ୍‌ରେ ଅସ୍କାଲାନି କୁହନ୍ତି: ଇମାମ୍ ସାଫିଙ୍କ କହିବାର ଯର୍ଥାଥ ଏହି କି ଯେ, ଯେ କୌଣସି ମୃତକଙ୍କ ଦେହାନ୍ତରେ ଦୀର୍ଘ ସମୟ ଅତିବାହିତ ହେବାପରେ ତାହା କବର ନିକଟରେ ଯନାଜାଃ ପାଠ କରାଯାଇନଥାଏ । ଇମାମ୍ ସାଫିଙ୍କ ମତରେ ଯେତେବେଳେ ହୁଜୁର ସ:ଆ:ସଙ୍କ ବିୟୋଗ ସମୟ ନିକଟତର ହୋଇଗଲା । ସେତେବେଳେ ଆପଣ ସେମାନଙ୍କ କବର ନିକଟକୁ ଯାଇ ତାଙ୍କୁ ବିଦାୟ ଦେଇ ଦୁଆ କଲେ ଏବଂ ସେମାନଙ୍କ ପାଇଁ କ୍ଷମାଜାଚନା କଲେ । ***(ଫତହୁଲ୍ ବାରି ଶରହ୍ ସହି ବୁଖାରୀ....... ଖଣ୍ଡ-୩, ପୃ-୨୪୯........କାହିରା ୧୯୮୬)***

ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି । ଓ୍ବହଦ୍‌ର ଶହୀଦମାନଙ୍କୁ ଏକତ୍ର କରି ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଆରମ୍ଭ କରାଗଲା ଏବଂ ସେମାନଙ୍କ ପରିହିତ ବସ୍ତ୍ର ସହିତ ବିନା ସ୍ନାନରେ ତାଙ୍କୁ କବର ଦିଆଗଲା ହଁ ଯାହାଙ୍କ ନିକଟରେ ଅଧିକ କଫନ ଥିଲା ସେ ନିଜ ପରିଜନଙ୍କୁ ତାହାର ପରିହିତ ବସ୍ତ୍ର ଉପରେ କଫନ ବସ୍ତ୍ର ପରିଧାନ କରିଦେଉଥିଲେ । ସେତେବେଳେ ସେମାନଙ୍କ ଯନାଜାଃ ପାଠ କରାଯାଇନଥିଲା । ସାଧାରଣତଃ ଗୋଟିଏ ବସ୍ତ୍ରରେ ଗୋଟିଏ କବରରେ ଦୁଇ ଦୁଇ ସାହାବାଙ୍କୁ କବର ଦିଆଯାଉଥିଲା । ସେମାନଙ୍କ ସମାଧି ପ୍ରସ୍ତୁତ କରାଯାଉଥିଲା । ଯେଉଁ ସାହାବାଙ୍କୁ ପବିତ୍ର କୁର୍‌ଆନ୍ ଅଧିକ ଜଣାଥିଲା ତାହାଙ୍କୁ ହୁଜୁର ସ:ଆ:ସଙ୍କ ଆଦେଶ ଅନୁଯାୟୀ ପ୍ରଥମେ କବରରେ ଓହ୍ଲାଇ ଦିଆଯାଉଥିଲା । ପୁନଶ୍ଚ ଲେଖା ଅଛି ଯଦିଚ ସେତେବେଳେ ସେମାନଙ୍କ ଯନାଜାଃ ପାଠ କରାଯାଇନଥିଲା କିନ୍ତୁ ପରବର୍ତୀ ସମୟରେ ହୁଜୁର ସ:ଆ:ସ ବିଶେଷ କରି ଓ୍ବହଦ୍‌ର ଶହୀଦମାନଙ୍କ ଯନାଜାଃ ପାଠ କରିଥିଲେ ଏବଂ ବେଶ୍ ଦରଦ ର ସହିତ ସେମାନଙ୍କ ପାଇଁ କ୍ଷମା ଜାଚନା କରିଥିଲେ । ସମ୍ଭବତଃ ପ୍ରତ୍ୟେକଙ୍କ କବର ନିକଟରେ ହୁଜୁର ସ:ଆ:ସ ବେଶ୍ ଦରଦ ର ସହିତ ଦୁଆ କରିଥିଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍ ସ:ଆ:ସ ପୃ-୫୦୧-୫୦୨)***

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି କି ମୁଁ ନିଜ ପିତାଙ୍କ ପାଇଁ ଓ୍ବହଦ୍ ଯୁଦ୍ଧର ଛଅମାସ ପରେ କବର ପ୍ରସ୍ତୁତ କରିଥିଲି ଅର୍ଥାତ ତାଙ୍କ ପାଇଁ ଆଉ ଏକ କବର ଖୋଦନ କରି ସେଠିକୁ ତାଙ୍କୁ ସ୍ଥାନାନ୍ତରିତ କରିଥିଲି । ଯେତେବେଳେ ମୁଁ ତାଙ୍କ କବର ଖୋଦନ କଲି ଅର୍ଥାତ ଯେଉଁ କବରରେ ତାଙ୍କୁ ସମାଧି ଦିଆଯାଇଥିଲା ତାହାର ଖନନ କରାଗଲା ସେତେବେଳେ ମତେ ତାଙ୍କ ଶରିରରେ କୌଣସି ପରିବର୍ତନ ପରିଲକ୍ଷିତ ହୋଇନଥିଲା । କେବଳ ତାଙ୍କ ଦାଢ଼ିର କିଛି ଚୁଟି ମାଟିରେ ଲାଗି ରହିଥିଲା । ***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୩୪୪.......... ବେରୁତ ୨୦୦୩)***

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ହଦିସ୍ ନବଓ୍ବି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 10-17 Dec 2020 Issue No. 50-51

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ଆଉ ଏକ ସ୍ଥଳେ ଉଲ୍ଲେଖ ରହିଛି, ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି । ଓ୍ୱହଦ୍ ଯୁଦ୍ଧ ଅବସରରେ ଗୋଟିଏ କବରରେ ଦୁଇ ଦୁଇଜଣ ଶହୀଦଙ୍କୁ ସମାଧି ଦିଆଯାଉଥିଲା ଏବଂ ମୋ ପିତାଙ୍କ ସାଥିରେ ଜଣେ ସାହାବିଙ୍କୁ ମଧ୍ୟ ସମାଧି ଦିଆଯାଇଥିଲା । ଛଅମାସ ପରେ ମୋ ମନରେ ଏହି କଥା ଉଙ୍କି ମାରିଲା କି ମୁଁ ତାଙ୍କୁ ସେହି କବରରୁ ବାହାର କରି ଅଲଗା ଏକ କବର ଖନନ କରି ସେଥିରେ ସମାଧି ଦେଇଦିଏ । ବସ୍ତୁତ ମୁଁ ତାଙ୍କୁ ସେହି କବରରୁ ବାହାର କଲି ଏବଂ ଦେଖିଲି ଯେ ମୃତିକା ତାଙ୍କ ଶରୀରକୁ ତିଳେମାତ୍ର ଅବକ୍ଷୟ କରିପାରିନାହିଁ । କିନ୍ତୁ କାନର କିଛି ମାଂସପେଶୀ ବ୍ୟତିତ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୨୫........... ବେରୁତ ୧୯୯୦)***

ଓ୍ୱହଦ୍ ଯୁଦ୍ଧର ୪୬ ବର୍ଷ ପରେ ହଜ୍‌ରତ୍ ଅମୀର ମାଓ୍ୱିୟା ନିଜ ସମୟ କାଳରେ ଜଳସେଚନ ପାଇଁ ନଦି ଧାରାମାନ ଖନନ କଲେ ଯାହାର ଜଳ ଓ୍ୱହଦ୍ ର ଶହୀଦମାନଙ୍କ କବରରେ ପ୍ରବେଶ କରିଗଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍‌ଙ୍କ କବର ମଧ୍ୟ ଜଳମଗ୍ନ ହୋଇଗଲା । ଯେତେବେଳେ ତାଙ୍କ କବର ଖନନ କରାଗଲା ସେତେବେଳେ ସେମାନଙ୍କ ମରଶରୀର ଉପରେ ଦୁଇଟି ଚଦର ପଡ଼ି ରହିଥିଲା । ବର୍ଣ୍ଣନାକାରୀ କୁହନ୍ତି ତାଙ୍କ ମୁଖରେ କ୍ଷତଚିହ୍ନ ଥିଲା ଏବଂ ତାଙ୍କ ଉପରେ ଏବଂ ତାହା ଉପରେ ତାଙ୍କ ହାତ ରହିଥିଲା ତା'ପରେ ଯାହା ବର୍ଣ୍ଣନା କରାଯାଇଛି ବା ଉଲ୍ଲେଖ ରହିଛି ତାହା ଏଠାରେ ମୁଁ ଆଲୋଚନା କରିଦେଉଛି । କାରଣ ବିଭିନ୍ନ ଐତିହାସିକ ପୁସ୍ତକରେ ଏହିଭଳି ହିଁ ଦରଜ ରହିଛି ଯଦିଚ ହୋଇପାରେ କି ଏଥିରେ ଅତିଶୟତା ଅବଲମ୍ବନ କରାଯାଇଛି । ସେ ଯାହା ହେଉ ନା କାହିଁକି ଯେତେବେଳେ ସେ ତାଙ୍କ ହାତ ଉକ୍ତ କ୍ଷତ ସ୍ଥାନ ଉପରୁ ଉଠାଇଦେଲେ ସେତେବେଳେ ଉକ୍ତ ସ୍ଥାନରୁ ରକ୍ତସ୍ରାବ ହେଲା, ଯାହାକି ଅସମ୍ଭବ ଅଟେ କିନ୍ତୁ ତାଙ୍କ ହସ୍ତ ପୂର୍ନବାର ସେଠାରେ ରଖିଦେବାରୁ ଅର୍ଥାତ ଉକ୍ତ କ୍ଷତସ୍ଥାନ ଉପରେ ରଖିଦେବାରୁ ରକ୍ତ କ୍ଷରିତ ହେବା ବନ୍ଦ ହୋଇଗଲା । ଏଭଳି ଆଲେଖ୍ୟ ମଧବର୍ତୀରେ ଆସିଯାଇଥାଏ ଯାହାକି ସ୍ୱାଗତ ଯୋଗ୍ୟ ମନେ ହୋଇନଥାଏ । ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ କୁହନ୍ତି ମୁଁ କବର ଭିତରକୁ ଚାହିଁଲି ମତେ ଏପରି ମନେ ହେଲା ଯେପରି ମୋ ପିତା ଶୟନ କରୁଛନ୍ତି । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୨୪........... ବେରୁତ ୧୯୯୦) (କିତାବୁଲ୍ ମଗାଜି, ଖଣ୍ଡ-୧, ପୃ-୨୬୭.... ବେରୁତ ୧୯୮୪)***

ଦୀର୍ଘ ଛଅମାସ ପରେ ତାଙ୍କୁ ସେହି କବରରୁ ବାହାର କରାଗଲା ସେତେବେଳେ ତାଙ୍କ ଶରୀରର ମାଂସପେଶୀରେ କୌଣସି ପରିବର୍ତନ ପରିଲିକ୍ଷିତ ହେଉନଥିଲା । ତେବେ ୪୬ ବର୍ଷପରେ ଏହା ସମ୍ଭବନୁହେଁ ଯେ ତାଙ୍କ ଅସ୍ଥିମାନ ବାକି ରହିଯାଇଥିବ । ଏହା ପ୍ରକୃତିର ନିୟମ ବିପରୀତ ଅଟେ ।

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ମତେ ଭେଟିଲେ ସେତେବେଳେ ଆପଣ କହିଲେ, ହେ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ତୁମର କଣ ହୋଇଛି, ତୁମେ କାହିଁକି ଦୁଃଖିତ ଜଣାପଡୁଛ ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ପିତା ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଛନ୍ତି ଏବଂ ସେ ନିଜ ପଛରେ ରଣଭାର ଓ ସନ୍ତାନ ଛାଡ଼ି ଯାଇଛନ୍ତି । ହଜୁର ସ:ଆ:ସ କହିଲେ କଣ ମୁଁ ତୁମକୁ ଏପରି ଶୁଭସମ୍ବାଦ ଦେବି ଯାହା ତୁମକୁ ପ୍ରସନ୍ନିତ କରିବ ତାହା ହେଲା ଅଲ୍ଲାଃ ତାଲା ତୁମର ପିତାଙ୍କ ସହିତ ସାକ୍ଷାତ କଲେ, ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ମତେ କୁହନ୍ତୁ । ହଜୁର ସ:ଆ:ସ କହିଲେ ଅଲ୍ଲାଃ ତାଲା କାହାରି ସହିତ କଥା ହେଲେନାହିଁ କିନ୍ତୁ ପରଦା ଆଢୁଆଳରେ କିନ୍ତୁ ତୁମ ପିତାଙ୍କୁ ଜୀବିତ କଲେ ଏବଂ ତାଙ୍କ ସହ ମୁହାଁମୁହିଁ ହୋଇ ବାର୍ତାଳାପ କଲେ କି ହେ ମୋର ଭକ୍ତ ! ତୁମେ ମତେ ବର ମାଗ ଯାହାକି ମୁଁ ତୁମକୁ ପ୍ରଦାନ କରିବି । ସେ କହିଲେ, ହେ ମୋର ସୃଷ୍ଟିକର୍ତା ! ମୋର ପ୍ରଭୁ ! ମତେ ପୂନଃ ଜୀବନଦାନ କର ଅର୍ଥାତ ସଂସାରକୁ ଫେରାଇ ଦିଅ କାରଣ ମୁଁ ତୁମ ମାର୍ଗରେ ଆଉଥରେ ନିହତ ହୋଇ ବୀରଗତି ପ୍ରାପ୍ତ କରିବାକୁ ଚାହେଁ । ପ୍ରତିଉତରରେ ଅଲ୍ଲାଃ ତାଲା କହିଲେ, ମୋର ଏହି ବିଧାନ ରହିଛି ଯେ, ଯେ ଥରେ ଇହଧାମ ତ୍ୟାଗ କରେ ସେ ଆଉ ସେଠାକୁ ଫେରି ନଥାଏ ।

ହଜ୍‌ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ କୁହନ୍ତି ହେ ମୋର ପ୍ରଭୁ! ମୋର ପଛରେ ଥିବା ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ମୋର ଏହି କଥା ପହଂଚାଇ ଦିଅନ୍ତୁ । ସୁତରାଂ ଉକ୍ତ ଅବସରରେ ଅଲ୍ଲାଃ ତାଲା ଉକ୍ତ ଆୟତ ଅବତୀର୍ଣ୍ଣ କଲେ: **ଓ୍ୱଲା ତହ୍‌ସବନ୍ନାଲ୍ ଲଜ୍ଜିନା କୁତିଲୁ ଫି ସବିଲିଲ୍ଲାହି ଅମ୍‌ଓ୍ୱାତନ୍ ବଲ୍ ଅହ୍‌ୟାଉନ୍ ଇନ୍‌ଦ ରବ୍‌ବିହିମ୍ ୟୁର୍‌ଜକୁନ୍ (ଆଲେ ଇମ୍‌ରାନ୍:୧୭୦)** ଅର୍ଥାତ ଏବଂ ଯେଉଁମାନେ ଅଲ୍ଲାଃଙ୍କ ପଥରେ ନିହତ ହୋଇଛନ୍ତି ତୁମେ ସେମାନଙ୍କୁ କଦାପି ମୃତ ବୋଲି ମନେ କରନାହିଁ । ବରଂ ସେମାନେ ନିଜ ପାଳନକର୍ତାଙ୍କ ସମୀପରେ ଜୀବିତ ଅଛନ୍ତି (ଓ) ସେମାନଙ୍କୁ ଜୀବିକା ପ୍ରଦାନ କରାଯାଇଛି । ***(ସୁନନେ ତିର୍‌ମିଜ୍....... ହଦିସ୍ ନଂ-୩୦୧୦) (ଦଲାଇଲୁଲ୍ ନବୁଓ୍ୱା ଖଣ୍ଡ-୩, ପୃ-୨୯୮.......ବେରୁତ ୧୯୯୨) (ଅଲ୍‌ଇସ୍‌ତିୟାବ........ ଖଣ୍ଡ-୩, ପୃ-୯୫୫-୯୫୬......ବେରୁତ ୧୯୯୨)***

।ଏହି ଆୟତ ପ୍ରଥମେ ମଧ୍ୟ ମୁଁ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ଜୀବନି ଚର୍ଚ୍ଚାରେ ଆଲୋଚନା କରିସାରିଛି । ଅଲ୍ଲାଃ ତାଲା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋଙ୍କ ସମ୍ଭାସଣ ପ୍ରସଙ୍ଗିୟ ବ୍ୟାଖ୍ୟା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ନିଜର ଏକ ବକ୍ତୃତା ଯାହାକି ଖିଲାଫତ ପୂର୍ବରୁ ଆପଣ ପ୍ରଦାନ କରିଥିଲେ ସେଥିରେ ବିଭିନ୍ନ କିସମର ସୌନ୍ଦର୍ଯ୍ୟ ବିମଣ୍ଡିତ ରଖି ବର୍ଣ୍ଣନା କରିଛନ୍ତି । ଯେଉଁ ଦିଗରୁ ଦେଖିଲେ ମଧ୍ୟ ସେଥିରେ ଆମକୁ ତାଙ୍କର ସମସ୍ତ ମାମଲାରେ ନୂତନ ସୁବାଶିତ ଚରିତ୍ର ଦୃଶ୍ୟମାନ ହୋଇଥାଏ କି କିଭଳି ତାଙ୍କର ସମ୍ପର୍କ ନିଜ ପ୍ରଭୁଙ୍କ ସହିତ ରହିଥିଲା, ତାଙ୍କ ସହ ଯୋଡ଼ି ରହିଥିଲେ ସେ ଏବଂ ସେ ନିଜ ଅନୁଗାମୀମାନଙ୍କ ସହ ସହାନୁଭୂତି ପ୍ରଦାନ କରିଥିବା ଯୋଗୁଁ ଅର୍ଥାତ ହଜୁର ସ:ଆ:ସଙ୍କ ନିଜ ଅନୁଗାମୀମାନଙ୍କ ସହ ସହାନୁଭୂତି ପ୍ରଦର୍ଶନ କରିଥିବା ଯୋଗୁଁ ତାଙ୍କର ସାହାବାମାନେ ତାଙ୍କ ପ୍ରତି ଢ଼ଳି ରହୁଥିଲେ । ଯେତେବେଳେ କି ତାଙ୍କର ଅନ୍ୟ ପାର୍ଶ୍ୱଟି ନିଜ ସର୍ବଶ୍ରେଷ୍ଠ ସାହାଯ୍ୟକର୍ତାଙ୍କ ଆଡ଼କୁ ସମାନ ଭାବରେ ଏକ ସମୟରେ ଢ଼ଳି ରହୁଥିଲା । ସେହି ହସ୍ତି ଯିଏ ଶାନ୍ତିପ୍ରଦ ଅବସ୍ଥାରେ **ସୁମ୍ମା ଦନା ଫତଦଲ୍ଲା** ସର୍ବୋଚ୍ଚ ସ୍ତରରେ ଅବସ୍ଥାନ କରିଥିଲେ । ଯୁଦ୍ଧ ଅବସ୍ଥାରେ ମଧ୍ୟ କ୍ଷଣକ ପାଇଁ ସେ ସେଠାରୁ ଅର୍ଥାତ ତାଙ୍କଠାରୁ ଅଲଗା ହେଉନଥିଲେ ଗୋଟିଏ ପଟେ ଆପଣଙ୍କ ନଜର ରଣକ୍ଷେତ୍ରରେ ଥିବା ସମୟରେ ଅନ୍ୟପଟେ ଆପଣଙ୍କ ପ୍ରଭୁଙ୍କ ଗୁଣଗାନରେ ମାତି ରହୁଥିଲା । ଗୋଟିଏ କର୍ଣ୍ଣ ସାହାବାଙ୍କ ଆଡ଼କୁ ଢ଼ଳି ରହୁଥିବା ସ୍ଥଳେ ଅନ୍ୟ କର୍ଣ୍ଣଟି ପ୍ରଭୁଙ୍କ ମଧୁର ବାର୍ତା ଶୁଣିବାକୁ ଅପେକ୍ଷାରତ ରହୁଥିଲା । ଗୋଟିଏ ପଟେ ଆପଣଙ୍କ ସାହାବାଙ୍କୁ ଆନନ୍ଦିତ ଓ ଉଲ୍ଲସିତ କରିବାକୁ ପ୍ରୟାସ କରୁଥିବା ସ୍ଥଳେ । ଅନ୍ୟପଟେ ପ୍ରଭୁ ଆପଣଙ୍କ ଖୁସିର ବ୍ୟବସ୍ଥା କରି ଦେଉଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ହୃଦୟର ଅବସ୍ଥା ସମ୍ବନ୍ଧରେ ଅଲ୍ଲାଃ ଆପଣଙ୍କୁ ଅବଗତ କରାଇ ଏହି ବାର୍ତା ଦେଲେ, ହେ ମୋର ପ୍ରୀୟଭକ୍ତ ! ଦେଖ ମତେ ତୁମେ ସବୁଠାରୁ ଅଧିକ ଭଲ ପାଉଥିବା ଯୋଗୁଁ ମୁଁ ନିଜ ଭକ୍ତମାନଙ୍କ ହୃଦୟରେ ତୁମ ପ୍ରତି ଅନୁରାଗ ଉତ୍ପନ୍ନ କରିଦେଇଛି ଏବଂ ସେମାନେ ଏହି ଇହଧାମରୁ ବାହୁଡ଼ି ଯିବା ପରେ ମଧ୍ୟ ତୁମ କଥା ତାଙ୍କୁ ବ୍ୟଥିତ କରୁଛି ଏବଂ ତୁମକୁ ରଣଭୂମିରେ ଏକାକି ଛାଡ଼ି ଯିବାକୁ କିଭଳି ସେମାନେ ମ୍ରିୟମାଣ ହେଇପଡୁଛନ୍ତି । ତୁମ ମୁକାବିଲାରେ ସେମାନଙ୍କୁ ବୈକୁଣ୍ଠର କାମାନ ମଧ୍ୟ ତୁଚ୍ଛ ମନେ ହେଉଛି । ତାଙ୍କର ସେ କାମନା ଆଉ ବାକି ରହିନାହିଁ । ସେମାନଙ୍କ ବୈକୁଣ୍ଠ ତ ଏହା ଯେ, ତୀକ୍ଷ୍ଣ ଖଡ୍ଗରେ ବାରମ୍ବାର ନୀହତ ହୋଇଯାଆନ୍ତେ କି । ତଥାପି ତୁମ ସାଥିରେ ସେ ରହିବାକୁ ଉତ୍କଣ୍ଠିତ । ***(ଖୁତ୍‌ବାତେ ତାହେର୍ ତକ୍‌ରିର୍ ଜଲ୍‌ସା ସାଲାନା ୧୯୭୯, ପୃ-୩୪୯-୩୫୦)***

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ମୃତ୍ୟୁବରଣ କଲେ ମୁଁ ସେତେବେଳେ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଯାଇ ନିବେଦନ କଲି ଯେ, ଆପଣ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋଙ୍କୁ କରଜ ଦେଇଥିବା ଲୋକମାନଙ୍କୁ ବୁଝାନ୍ତୁ ସେମାନେ ତାଙ୍କ କରଜରେ କିଛି ଉଣା କରିଦେବେ ଏଥିରେ ନବୀ ସ:ଆ:ସ ଯାଇଁ ସେମାନଙ୍କୁ କହିଲେ, କିନ୍ତୁ ସେମାନେ କରଜ ଛାଡ଼ିବାପାଇଁ ମନା କଲେ ବା ସେଥିରୁ କିଛି କମ୍ କରିବା ପାଇଁ ମଧ୍ୟ ମନା କରିଦେଲେ ତେଣୁ ନବୀ ସ:ଆ:ସ ମତେ କହିଲେ ଯେ, ତୁମେ ଯାଅ ଓ ନିଜ ଖଜୁରୀଗୁଡ଼ିକ ମଧ୍ୟରୁ ଗୋଟିଏ ଅଂଶ ଅଲଗା କରିଦିଅ ତା'ପରେ ମତେ ବାର୍ତା ପଠାଇବ । ଅତଏବ ମୁଁ ଯାଇ ଏହିଭଳି କଲି ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ବାର୍ତା ପଠାଇଲି । ଆପଣ ସ:ଆ:ସ ଆସି ସେଇ ଖଜୁରୀ ଗଦାରେ ବସିପଡ଼ିଲେ । ପୁଣି ଆପଣ ସ:ଆ:ସ କହିଲେ ଏହି ଲୋକମାନଙ୍କୁ ଖଜୁରୀଗୁଡ଼ିକୁ ମାପ କରି ଦିଅ । ସୁତରାଂ ମୁଁ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମାପି ମାପି ଦେଲି ଓ ସମସ୍ତଙ୍କୁ ଦେଇଦେଲି ଏହା ସତ୍ୱେ ମଧ୍ୟ ମୋ ଖଜୁରୀ ପୁଣି ବଂଚିଗଲା । ଏମିତି ଲାଗୁଥିଲା ଯେମିତି ମୋ ଖଜୁରୀ ଗଦାରୁ କିଛି କମି ନାହିଁ । ***(ସହୀ ବୁଖାରୀ....... ହଦିସ୍ ନଂ-୨୧୨୭)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ନିଜ ଅନ୍ତେ ନିଜର ପୁତ୍ର ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ବ୍ୟତିତ ଆଉ ଛଅଜଣ ଝିଅଙ୍କୁ ଛାଡ଼ି ଯାଇଥିଲେ । ସହି ବୁଖାରୀର ଗୋଟିଏ ରିଓ୍ୱାୟତ ମୁତାବକ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ର:ଅ ସାତଜଣ ବା ନଅଜଣ ଝିଅ ଛାଡ଼ି ଯାଇଥିଲେ । ***(ସୁନନେ ନସାଇ......***

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan